SET A

।ବ୍ୟ ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦ[illegible] ବୃତ୍ତଟିକୁ ନୀଳ / କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସଂପୂର୍ଣ୍ଣ ଭାବେ କଳା / ନୀଳ କର ।

Each question has four alternatives. Choose the correct one from among them and darken the appropriate circle completely in the OMR Sheet with Blue / Black ball point pen.

## ଶିଶୁ ବିକାଶ ଓ ଶିକ୍ଷାବିଜ୍ଞାନ

## CHILD DEVELOPMENT & PEDAGOGY

**1.** କୌଣସି ଏକ ପରୀକ୍ଷଣର ବିଶ୍ୱସ୍ତତା ନିରୂପଣ ନିମନ୍ତେ କେଉଁ ପଦ୍ଧତି ପ୍ରଯୁଜ୍ୟ ନୁହେଁ ?

(A) ପୁନଃ ପରୀକ୍ଷଣ ପଦ୍ଧତି
(B) ସମତୁଲ୍ୟ ଫର୍ମ ପଦ୍ଧତି
(C) ଅର୍ଦ୍ଧ-କରଣ ପଦ୍ଧତି
(D) ପରୀକ୍ଷଣ ସର୍ତ୍ତ ପଦ୍ଧତି

**1.** Which of the following is not a method of estimating reliability of a test ?

(A) Test - retest method
(B) Alternate/parallel form method
(C) Split - Half Method
(D) Testing condition method

**2.** ମିତା ଜାଣିବାକୁ ଚାହୁଁଛି ଯେ, ସେ ଏହି ନିର୍ଦ୍ଦିଷ୍ଟ ଚାକିରୀରେ ଉତ୍ତମ ଫଳ ପ୍ରଦର୍ଶନ କରିପାରିବ କି ନାହିଁ ? ନିମ୍ନୋକ୍ତ ମଧ୍ୟରୁ କେଉଁ ସାଧନୀଟି ଏଥିପାଇଁ ପ୍ରଯୁଜ୍ୟ ହେବ ବୋଲି ଭାବୁଛ ?

(A) ଉପଲବ୍ଧି ପରୀକ୍ଷଣ
(B) ମନୋବୃତ୍ତି ମାନଦଣ୍ଡ
(C) ଅଭିକ୍ଷମତା ପରୀକ୍ଷଣ
(D) ବୁଦ୍ଧି ପରୀକ୍ଷା

**2.** Mita wants to know whether she will perform well in a particular job or not. Which of the following tool will predict this ?

(A) Achievement test
(B) Attitude test
(C) Aptitude test
(D) Intelligence test

**3.** ନିମ୍ନୋକ୍ତ କେଉଁ ନିର୍ଦ୍ଧାରଣ ମାପକ ଜଣେ ନିର୍ଦ୍ଧାରକ ବା ପର୍ଯ୍ୟବେକ୍ଷକଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ନମ୍ବରର ଅନୁକ୍ରମକୁ ଯୋଗାଇ ଦିଆଯାଇଥାଏ ଓ ପର୍ଯ୍ୟବେକ୍ଷକ ଗୋଟିଏ ଉପଯୁକ୍ତ ନମ୍ବର ଗ୍ରହଣ କରିଥାନ୍ତି ?

(A) ମାନକ ମାପନୀ/ମାପକ
(B) କ୍ରମସଂଚିତ ବିନ୍ଦୁଦ୍ୱାରା ନିର୍ଦ୍ଧାରଣ
(C) ଆଲେଖନୀୟ ନିର୍ଦ୍ଧାରଣ ମାପକ
(D) ସାଂଖ୍ୟକ ନିର୍ଦ୍ଧାରଣ ମାପକ

**3.** In which of the following rating scale, a sequence of definite numbers is supplied to the rater or to the observer and the observer awards an appropriate number ?

(A) Standard scale
(B) Rating by cumulative point
(C) Graphic scale
(D) Numerical scale

4. ନିମ୍ନଲିଖିତ ମଧ୍ୟରୁ କେଉଁଟି ମୂଲ୍ୟାୟନର ଉଦ୍ଦେଶ୍ୟ ଅଟେ ?

(A) ଶିକ୍ଷଣ ଅସୁବିଧା ବିଷୟରେ ଜାଣିବା

(B) ଶିକ୍ଷଣର କୃତି ମାପିବା

(C) ଶିକ୍ଷଣ ପ୍ରକୃତରେ ସମ୍ପନ୍ନ ହୋଇଛି କି ନାହିଁ ଜାଣିବା

(D) ଉପରୋକ୍ତ ସମସ୍ତ

5. ଏକ ପ୍ରଗତିଶୀଳ ବିଦ୍ୟାଳୟ ପାଠ୍ୟକ୍ରମର ଯୋଜନା ଏପରି ଉପାୟରେ ହେବା ଉଚିତ ଯେପରି :

(A) ପୁଅ ଓ ଝିଅମାନଙ୍କ ପାଇଁ ଭିନ୍ନ ପ୍ରକାରର ପାଠ୍ୟକ୍ରମ

(B) ବୁଦ୍ଧିମାନ ପିଲାମାନେ ସାଧାରଣ ପିଲାମାନଙ୍କ ସହ ମିଶିବା ପାଇଁ ଅନୁମତି ପାଉନଥିବେ

(C) ଶୈଶବରୁ ନିଜ ପସନ୍ଦ ଅନୁଯାୟୀ ବିଷୟ ବାଛିବାର ସ୍ୱାଧୀନତା ଥିବା ଦରକାର

(D) ପାଠ୍ୟକ୍ରମଟି ନମନୀୟ ଓ ଉନ୍ନତ ସହଶୈକ୍ଷିକ କାର୍ଯ୍ୟକ୍ରମକୁ ନେଇ ହୋଇଥିବ

6. ନିମ୍ନୋକ୍ତ କେଉଁ ଉକ୍ତିଟି ଶିକ୍ଷଣ କାର୍ଯ୍ୟଧାରାର ଏକ ବୈଶିଷ୍ଟ୍ୟ ନୁହେଁ ?

(A) ଶିକ୍ଷାନୁଷ୍ଠାନ କେବଳ ଏକମାତ୍ର ସ୍ଥାନ ଯେଉଁଠାରେ ଶିକ୍ଷଣ ହୋଇଥାଏ

(B) ଶିକ୍ଷଣ ଏକ ସଂବ୍ୟାପକ ପ୍ରକ୍ରିୟା

(C) ଶିକ୍ଷଣ ଲକ୍ଷ୍ୟ ଅଭିମୁଖୀ ଅଟେ

(D) ଅଣଶିକ୍ଷଣ ମଧ୍ୟ ଏକ ଶିକ୍ଷଣ ପ୍ରକ୍ରିୟା

4. Which of the following is an objective of evaluation ?

(A) Know about learning difficulties

(B) Measure the achievement of learning

(C) Know that learning has actually taken place

(D) All of the above

5. A progressive school curriculum planning should be done in a way that :

(A) Boys and Girls have different curricula

(B) Intelligent child should not be allowed to mix with normal children

(C) Children should be given a free hand to choose subjects from a very young age

(D) It is a flexible and rich curriculum including various co-curricular activities

6. Which of the following statements is not a feature of the process of learning ?

(A) Educational institutions are the only place where learning takes place

(B) Learning is a comprehensive process

(C) Learning is goal oriented

(D) Unlearning is also a learning process

7. W.Kay (1970) ଙ୍କ ମତରେ ନୈତିକ ପରିପକ୍ୱତା ସାଧାରଣତଃ :

(A) ନିଃସ୍ୱାର୍ଥପରତା ଓ ଯୁକ୍ତିବାଦିତା

(B) ସ୍ୱାୟତ୍ତତା ଓ ବିଭିଦତା

(C) ଦଣ୍ଡ ଦେବା ଓ ଆଦେଶ ମାନିବା

(D) ସାମାଜିକ ଓ ବ୍ୟକ୍ତି କୈନ୍ଦ୍ରିକ

8. କେଉଁ ବୟସରେ ଶିଶୁ ନିଜର ସହପାଠୀ ଦଳରେ ଏକ ସକ୍ରିୟ ସଦସ୍ୟ ହେବା ଆରମ୍ଭ କରେ ଓ ଅଭିଭାବକଙ୍କ ଠାରୁ ସ୍ୱାଧୀନ ହେବାକୁ ଚେଷ୍ଟା କରିଥାଏ ?

(A) 4 ରୁ 5 ବର୍ଷ ବୟସ

(B) 5 ରୁ 8 ବର୍ଷ ବୟସ

(C) 11 ରୁ 12 ବର୍ଷ ବୟସ

(D) 15 ରୁ 16 ବର୍ଷ ବୟସ

9. କେଉଁଟି କୈଶୋର ଅବସ୍ଥାର ଏକ ସାମାଜିକ ପରିବର୍ତ୍ତନ ଅନ୍ତର୍ଭୁକ୍ତ ?

(A) ଭୟ ଓ ଲାଜ

(B) ବୟସ୍କମାନଙ୍କ ପରି ବ୍ୟବହାର

(C) ଚଞ୍ଚଳତା

(D) କଳ୍ପନା କରିବା

10. ବ୍ୟକ୍ତିଗତ ଦକ୍ଷତାକୁ ସର୍ବଦା ସମାନ ଓ ନିର୍ଭୁଲ ଭାବେ ମାପିପାରୁଥିବା ପରୀକ୍ଷଣର ଗୁଣକୁ କ'ଣ କୁହାଯାଏ ?

(A) ବୈଧତା

(B) ବିଶ୍ୱସନୀୟତା

(C) ବସ୍ତୁନିଷ୍ଠତା

(D) ଲକ୍ଷ୍ୟକୈନ୍ଦ୍ରିକ

7. W.Kay (1970) asseted that moral maturity involves :

(A) Altruism and rationality

(B) Autonomy and heteronomy

(C) Punishment and obedience

(D) Social and interpersonal

8. At which age does a child begin to be an active member of a peer group and tries to be independent of his parents ?

(A) 4 - 5 yrs. of age

(B) 5 - 8 yrs. of age

(C) 11 - 12 yrs. of age

(D) 15 - 16 yrs. of age

9. Which of the following is a social change during adolescence ?

(A) Fear and Shame

(B) Adult-like-behaviour

(C) Restlessness

(D) Imagination

10. When a test measures an individual's ability consistently and accurately, then that quality of test is known as __________.

(A) Validity

(B) Reliability

(C) Objectivity

(D) Focus centered

11. କେଉଁଟି ପାଠ୍ୟକ୍ରମର ଏକ ପ୍ରକାର ନୁହେଁ ?

(A) ଶିଶୁ କୈନ୍ଦ୍ରିକ

(B) ଅଭିଜ୍ଞତା ଭିତ୍ତିକ

(C) ଅଞ୍ଚଳ ଭିତ୍ତିକ

(D) କର୍ମ କୈନ୍ଦ୍ରିକ

12. ଲବ୍ଧାଙ୍କ ବଣ୍ଟନ ସାଧାରଣ କିମ୍ବା ପାଖାପାଖି ସାଧାରଣ ହୋଇଥିବା ସମୟରେ କେଉଁ ପରିସଂଖ୍ୟାନ ମୂଳକ ପ୍ରଣାଳୀ ଉପଯୋଗୀ ଅଟେ ?

(A) ମାନକ ବିଚ୍ୟୁତି

(B) ସ୍ୱାଭାବିକ ସମ୍ଭାବ୍ୟ ବକ୍ର

(C) ହାରାହାରି ବିଚ୍ୟୁତି

(D) ମଧ୍ୟମା

13. ଜନ୍ମରୁ କୈଶୋର ଅବସ୍ଥା ମଧ୍ୟରେ, ବୌଦ୍ଧିକ ବିକାଶ ଓ ପ୍ରକୃତ ବୟସକୁ ନେଇ ଅଙ୍କିତ ଲେଖଚିତ୍ରର ଆକାର କିପରି ହେବ ?

(A) J - ଆକୃତିର

(B) S - ଆକୃତିର

(C) ବଙ୍କାଟଙ୍କା

(D) ଅତିପର ବଳୟ ଆକୃତିର

14. ସର୍ବେକ୍ଷଣରେ ତଥ୍ୟକୁ ଦଳ ବା ଉପଦଳରେ ଭାଗ କରିବା ପାଇଁ କେଉଁ ମାପନୀ ବ୍ୟବହାର କରାଯାଏ ?

(A) ସଂଖ୍ୟାକ୍ରମିକ

(B) ନାମାଙ୍କ

(C) ଅନ୍ତରାଳ

(D) ଅନୁପାତିକ

11. Which is not a type of curriculum ?

(A) Child centered

(B) Experience

(C) Regional

(D) Activity centered

12. Which statistical method is useful when distribution of scores is normal or near to normal ?

(A) Standard deviation

(B) Normal probability curve

(C) Average deviation

(D) Median

13. What will be the shape of a graph between intellectual development and chronological age from birth to adolescence ?

(A) J - shaped

(B) S - shaped

(C) Zigzag

(D) Hyperbola shaped

14. Which scale is widely used in surveys when data are classified by groups or subgroups ?

(A) Ordinal

(B) Nominal

(C) Interval

(D) Ratio

15. ଏକ ସଶକ୍ତ ବିଦ୍ୟାଳୟ ନିଜ ଶିକ୍ଷକମାନଙ୍କର କେଉଁ ଗୁଣକୁ ସର୍ବାଧିକ ପ୍ରୋତ୍ସାହିତ କରିଥାଏ ?

(A) ପ୍ରତିଯୋଗିତାମୂଳକ ମନୋବୃତ୍ତି
(B) ପରୀକ୍ଷଣ ପ୍ରବୃତ୍ତି
(C) ସ୍ମରଣ ଶକ୍ତି
(D) ଶୃଙ୍ଖଳିତ ପ୍ରକୃତି

16. ହାବିଘ୍ରଷ୍ଟଙ୍କ ଅନୁଯାୟୀ ନିମ୍ନୋକ୍ତ କେଉଁଟି କୈଶୋରର ବିକାଶଜନିତ କାର୍ଯ୍ୟ ନୁହେଁ ?

(A) ଜଣକର ଶାରୀରିକ ଗଠନ ଓ ବିକାଶକୁ ଇଚ୍ଛାପୂର୍ବକ ଗ୍ରହଣ କରିବା
(B) ସାମାଜିକ ଗ୍ରହଣୀୟ ବ୍ୟବହାରକୁ ବିକାଶ କରାଇବା
(C) ବିବାହ ଓ ପାରିବାରିକ ଜୀବନ ନିମନ୍ତେ ପ୍ରସ୍ତୁତ କରିବା
(D) ଲିଙ୍ଗ ବିଭେଦତା ଶିକ୍ଷଣ

17. କାହା ମତରେ ଯୋଗ ହେଉଛି ଦିବ୍ୟସତ୍ତା ସହିତ ବ୍ୟକ୍ତିସତ୍ତାର ପରିଚୟ ପ୍ରତିଷ୍ଠା ?

(A) ରବୀନ୍ଦ୍ର ନାଥ ଠାକୁର
(B) ମହାତ୍ମା ଗାନ୍ଧୀ
(C) ଶ୍ରୀ ଅରବିନ୍ଦ
(D) ପତଞ୍ଜଳୀ

18. ପ୍ରତିଭାବାନ ଶିଶୁମାନଙ୍କ, ଶିକ୍ଷକମାନଙ୍କର କେତେ ନିର୍ଦ୍ଦିଷ୍ଟ ଗୁଣାବଳୀ ଆବଶ୍ୟକ । ସେଗୁଡ଼ିକ ମଧ୍ୟରୁ :

(A) ଜ୍ଞାନ ସନ୍ଧିତ୍ସୁ ହେବା ଦରକାର
(B) ସେମାନଙ୍କର ବିବିଧ ଆଗ୍ରହ ନଥାଏ
(C) ଅସାଧାରଣ ଓ ବିଭିନ୍ନ ପ୍ରକାର ପ୍ରଶ୍ନାବଳୀଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ଅନିଚ୍ଛୁକ
(D) ସୁଶୃଙ୍ଖଳ ନୁହଁନ୍ତି

15. An empowering school will promote which of the following qualities the most in its teachers ?

(A) Competitive aptitude
(B) Tendency to experiment
(C) Memory
(D) Disciplined nature

16. Which of the following is not a developmental task of adolescents according to Havighurst ?

(A) Accepting one's physique.
(B) Developing socially acceptable behaviour.
(C) Preparing for marriage and family life.
(D) Learning sex differences.

17. Who said, "Yoga is the identification of self with divinity" ?

(A) Rabindranath Tagore
(B) Mahatma Gandhi
(C) Sri Aurobinda
(D) Patanjali

18. Teachers of gifted children need some particular qualities. They must :

(A) Be intellectually curious
(B) Do not have variety of interests
(C) Not willing to accept unusual and diverse questions
(D) Not to be systematic

19. ଶିକ୍ଷା ଅଧିକାର ଅଧିନିୟମ - 2009 ଅନୁଯାୟୀ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିକ୍ଷାର୍ଥୀ କିପରି ଅଧ୍ୟୟନ କରିବେ ?

(A) ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ବିଦ୍ୟାଳୟରେ

(B) ଅଭିଭାବକଙ୍କ ଯତ୍ନ ଓ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣକାରୀଙ୍କ ଆବଶ୍ୟକୀୟ ସହାୟତାରେ ନିଜ ଘରେ

(C) ଅନ୍ତର୍ନିବେଶୀ ଶିକ୍ଷା ବ୍ୟବସ୍ଥା, ଯେଉଁ ସ୍ଥାନରେ ସେମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥା ହୋଇଥିବ

(D) ବୃତ୍ତିଭିତ୍ତିକ ଶୈକ୍ଷିକ କେନ୍ଦ୍ରରେ, ଯେଉଁଠାରେ ସେମାନଙ୍କୁ ଜୀବନଧାରଣ କୌଶଳ ନିମନ୍ତେ ପ୍ରସ୍ତୁତ କରାଯାଇପାରିବ

20. ପଛୁଆ, ଅପ୍ରଖର ଓ ଅବିକଶିତ ପିଲାମାନଙ୍କର ବୁଦ୍ଧ୍ୟାଙ୍କ ସାଧାରଣତଃ କେତେ ?

(A) 60 - 70
(B) 70 - 90
(C) 90 - 100
(D) 100 - 120

21. ଶିକ୍ଷାଦାନରୁ ଶିକ୍ଷଣକୁ ପ୍ରାଧାନ୍ୟ ଦେବା ପାଇଁ କେଉଁ ପଦକ୍ଷେପ ନିଆଯାଇପାରିବ ?

(A) ପରୀକ୍ଷାର ଫଳାଫଳ ଉପରେ ଧ୍ୟାନ ଦେବା
(B) ଶିଶୁକେନ୍ଦ୍ରିକ ଶିକ୍ଷାବିଜ୍ଞାନକୁ ଗ୍ରହଣ କରିବା
(C) ଘୋଷା ବିଦ୍ୟାକୁ ଉତ୍ସାହିତ କରିବା
(D) ଶିକ୍ଷକ କୈନ୍ଦ୍ରିକ ଶିକ୍ଷାକୁ ଗ୍ରହଣ କରିବା

22. କେଉଁଟି କେନ୍ଦ୍ରୀୟ ପାଠ୍ୟକ୍ରମର ଏକ ଉପାଦାନ ନୁହେଁ ?

(A) ସାମ୍ବିଧାନିକ କର୍ତ୍ତବ୍ୟବୋଧ
(B) ବିଦେଶର ସଂସ୍କୃତି ଓ ପରମ୍ପରା ଅଧ୍ୟୟନ
(C) ପରିବେଶର ସୁରକ୍ଷା
(D) ବୈଜ୍ଞାନିକ ମନୋଭାବ

19. According to RTE - 2009, how should children with special needs study ?

(A) In special school established exclusively for them.

(B) At home with their parents and caretakers providing necessary support.

(C) In inclusive education setups with provisions to cater to their individual needs.

(D) In vocational training centers which would prepare them for life skills.

20. Backward, dull and retarded children are generally to have an IQ between __________.

(A) 60 - 70
(B) 70 - 90
(C) 90 - 100
(D) 100 - 120

21. Which steps could be taken to give emphasis from teaching to learning ?

(A) Focusing on examination results
(B) Adopting child centered pedagogy
(C) Encouraging rote learning
(D) Adopting teacher centered teaching

22. Which is not a component of core curriculum ?

(A) Duty towards constitution
(B) Study of foreign culture and tradition
(C) Protection of environment
(D) Scientific temper

23. କେଉଁଟି ଏକ ପ୍ରକ୍ଷେପିତ ଶିକ୍ଷଣ ସାମଗ୍ରୀ ନୁହେଁ ?

(A) ସ୍ଲାଇଡ୍ ପ୍ରୋଜେକ୍ଟର

(B) କଳାପଟା

(C) ଓଭରହେଡ୍ ପ୍ରୋଜେକ୍ଟର

(D) ଏପିଡୋସ୍କୋପ୍

24. ଅନ୍ତର୍ନିହିତ ସ୍ଥିରତା କିପରି ମପା ଯାଇପାରିବ ?

(A) ଘଟଣାବଳୀ ବିବରଣୀ ପଦ୍ଧତି

(B) ପରୀକ୍ଷଣ - ପୁନଃପରୀକ୍ଷଣ ପଦ୍ଧତି

(C) ଅର୍ଦ୍ଧକରଣ ପଦ୍ଧତି

(D) କୌଣସିଟି ନୁହେଁ

25. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷଣ ଅସମର୍ଥ ଶିଶୁର ବୈଶିଷ୍ଟ୍ୟ ଅଟେ ?

(A) ଠିକ୍ ଭାବରେ ସଂଖ୍ୟାକୁ ପଢ଼ି ନପାରିବା (6 କୁ 9 ଏବଂ 3 କୁ 8)

(B) ଓଲଟା ଅକ୍ଷର (b କୁ d, p କୁ q)

(C) ଅକ୍ଷର ସଂଯୋଗ (want କୁ what, what କୁ whart)

(D) ଉପରୋକ୍ତ ସମସ୍ତ

26. ଆବେଗ ସୃଷ୍ଟିର କାରଣ __________ ।

(A) ଅଭ୍ୟାସ

(B) ସହଜାତ ପ୍ରବୃତ୍ତି

(C) ଶାରୀରିକ ବିକାଶ

(D) ଧାରଣାର ଅବତାରଣା

23. Which is not a projected teaching aid ?

(A) Slide projector

(B) Blackboard

(C) Overhead projector

(D) Epidoscope

321193

24. How can the internal consistency be measured ?

(A) Anecdotal Record method

(B) Test - retest method

(C) Split - half method

(D) None of the above

25. Which of the following is a characteristics of a learning disabled child ?

(A) Misreads number ('6' as '9', '3' as '8')

(B) Reverses letter ('b' as 'd', 'p' as 'q')

(C) Add letters ('want' as 'what', 'what' as 'whart')

(D) All of the above

26. Emotion is originated through __________.

(A) Habits

(B) Instincts

(C) Physical development

(D) Formation of concepts

27. ''ଜୀବକୋଷ ଗୁଡ଼ିକର ବହୁଗୁଣିତ ହେବା ହିଁ ବୃଦ୍ଧି, ଯାହାକି ଉଚ୍ଚତା ଓ ଓଜନ ବୃଦ୍ଧିକୁ ବୁଝାଇଥାଏ । ମାତ୍ର ବିକାଶ ପ୍ରାଣୀ ମଧ୍ୟରେ ସମୁଦାୟ ପରିବର୍ତ୍ତନକୁ ସୂଚାଇଥାଏ ।'' - ଏହି ଉକ୍ତିଟିକୁ କିଏ କହିଥିଲେ ?

(A) ଇ.ବି. ହଲ୍‌ଲକ୍

(B) ଫ୍ରାଙ୍କ୍

(C) କ୍ରୋ ଏବଂ କ୍ରୋ

(D) ଆଲପୋର୍ଟ

27. "Growth is the multiplication of cells, as growth in height and weight, while development refers to the change in organism as a whole." Who said this ?

(A) E.B. Hurlock

(B) Frank

(C) Crow and Crow

(D) Allport

28. ନିମ୍ନୋକ୍ତ କେଉଁଟି ଜ୍ଞାନ ସଂଗଠନ ଶିକ୍ଷଣର ନିୟମ ନୁହେଁ ?

(A) ଶିକ୍ଷାର୍ଥୀମାନେ ନିଜ ନିମନ୍ତେ ଜ୍ଞାନ ସଂଗଠନ କରିଥାଆନ୍ତି

(B) ଶିକ୍ଷଣ ଏକ ଜ୍ଞାନ ସଂଗଠନ ପ୍ରକ୍ରିୟା

(C) ଶିକ୍ଷଣ ଏକ ସାମାଜିକ କ୍ରିୟା/କାର୍ଯ୍ୟ

(D) ଶିକ୍ଷକ ଶ୍ରେଣୀକକ୍ଷରେ କୌଣସି ସମସ୍ୟାର ସମାଧାନରେ ଉପନୀତ ହେବା ନିମନ୍ତେ ଚେଷ୍ଟା କରିଥାଆନ୍ତି

28. Which of the following is not a principle of constructivist learning ?

(A) learners construct knowledge for themselves

(B) learning is a constructivist process

(C) learning is a social activity

(D) the teacher tries to arrive at a solution of the problem in a classroom

29. କୈଶୋର ଅବସ୍ଥାରେ ଗୋଟିଏ ପିଲାର ମୁଣ୍ଡର ଆକାର ପ୍ରାୟ ________ ।

(A) ଶରୀରର $\frac{1}{4}$ ଅଂଶ

(B) ଶରୀରର $\frac{1}{8}$ ଅଂଶ

(C) ଶରୀରର $\frac{1}{5}$ ଅଂଶ

(D) ଶରୀରର $\frac{1}{6}$ ଅଂଶ

321193

29. At adolescence, the head of the child is about :

(A) $\frac{1}{4}$th of the body

(B) $\frac{1}{8}$th of the body

(C) $\frac{1}{5}$th of the body

(D) $\frac{1}{6}$th of the body

30. ସାଙ୍କେତିକ ଶିକ୍ଷଣକୁ ସାଧାରଣରେ ଅନ୍ୟ ଅର୍ଥରେ କହିବାକୁ ଗଲେ :

(A) କରଣବାଦୀ ଅନୁବନ୍ଧନ

(B) ଶାସ୍ତ୍ରୀୟ ଅନୁବନ୍ଧନ

(C) ଶିକ୍ଷଣ ଶୃଙ୍ଖଳ

(D) ଶାବ୍ଦିକ ସହଯୋଗୀ ଶିକ୍ଷଣ

30. Signal learning is commonly termed as :

(A) Operant conditioning

(B) Classical conditioning

(C) Chain learning

(D) Verbal associate learning

# M.I.L. (ODIA)

ଅନୁଚ୍ଛେଦଟି ପାଠ କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର (ପ୍ରଶ୍ନ ନଂ **31** ରୁ **35** ପର୍ଯ୍ୟନ୍ତ) ଉତ୍ତର ଦିଅ ।

ଜନ-ସାହିତ୍ୟ, ଅର୍ଥାତ୍ ଜନଗଣର ସାହିତ୍ୟ । ଆଗେ ସାହିତ୍ୟ ଭିତରେ ଜନଗଣର ସ୍ଥାନ ନଥିଲା । ରାଜପ୍ରାସାଦର ପରିଚର୍ଯ୍ୟା ପାଇଁ କେତେକ ଇତର ଲୋକଙ୍କୁ ବାଧହୋଇ ଭୃତ୍ୟରୂପେ ନିଯୁକ୍ତ କରି ରଖାଯାଏ । ସେହିପରି ଆମ ପ୍ରଚୀନ କବି ଓ ମହାକବିମାନେ ହୁଏତ ବାଧହୋଇ ସାଧାରଣ ଇତର ଲୋକମାନଙ୍କୁ ସେମାନଙ୍କ କାବ୍ୟ ଓ ନାଟକମାନଙ୍କରେ କିଞ୍ଚିତ୍ ସ୍ଥାନ ଦେଉଥିଲେ । ସାହିତ୍ୟର ମର୍ଯ୍ୟାଦା ହାନି ହେବାର ଭୟରେ ସେମାନେ ଏ ସାଧାରଣ ପାତ୍ରପାତ୍ରୀଙ୍କୁ ରାଜା ଓ ରାଜଗଣଙ୍କଠାରୁ ପୃଥକ୍ କରି ଦେଖାଇବା ଲାଗି ସବୁମତେ ଚେଷ୍ଟା କରିଥିଲେ । ନାଟକର ନାୟକ-ନାୟିକା ସେତେବେଳେ ରାଜାରାଣୀ, ରାଜକୁମାର ଓ ରାଜକନ୍ୟାଙ୍କ ବ୍ୟତୀତ ଆଉ କେହି କବି କଳ୍ପନାର ନାୟକ ଓ ନାୟିକା ହୋଇ ପାରି ନଥିଲେ - ଶୁଦ୍ଧ କାବ୍ୟାଳଙ୍କାରମଣ୍ଡିତ ସଂସ୍କୃତ ଭାଷାରେ କଥାବାର୍ତ୍ତା କରୁଥିଲେ । କଥିତ ଭାଷାରେ ଅଳଙ୍କାର ଓ ରସ ଖଞ୍ଜିବା ସମ୍ଭବ ବୋଲି ସେକାଳର କବିମାନେ ହୁଏତ କଳ୍ପନାହିଁ କରିପାରୁ ନଥିଲେ । ଇଉରୋପର ମଧ୍ୟଯୁଗରେ ବି ସାହିତ୍ୟ ସୃଜନର ସ୍ୱୀକୃତ ସଭାରେ ପ୍ରଧାନତଃ ଏହି ନାଟ ଚାଲିଥିଲା । ସେତେବେଳେ କାବ୍ୟ, ସାହିତ୍ୟ, ଗଣିତ ଓ ଦର୍ଶନ ସବୁ ଲାଟିନ୍ ଭାଷାରେ ଲେଖା ହେଉଥିଲା । ଲାଟିନ୍ ଭାଷାରେ ନ ଡାକିଲେ ଗୀର୍ଜା ଭିତରେ ଭଗବାନ୍ ଅବତୀର୍ଣ୍ଣ ହେଉ ନଥିଲେ । ଲାଟିନ୍ ନଜାଣିଥିବା ଜନଗଣ କେବଳ ଲାଟିନ୍ ବୁଝୁଥିବା ଭଗବାନ୍‌ଙ୍କ ସହିତ ଆପଣାର ଆଧ୍ୟାତ୍ମିକ ଦୁଃଖସୁଖ ହେବାକୁ ବାଧ ହେଉଥିଲେ । ଅର୍ଥାତ୍ ସାହିତ୍ୟ କହିଲେ, ସେତେବେଳେ କେବଳ କେତେଜଣ ଉଚ୍ଚବଂଶୀୟ ଓ ଉଚ୍ଚପଦସ୍ଥ ଭାଗ୍ୟବାନ୍‌ଙ୍କର ଅବସର ବିନୋଦନ ଲାଗି ଏକ ସାଧନାକୁହିଁ ବୁଝାଉଥିଲା ଏବଂ ସାହିତ୍ୟ ସଭାର ବାହାରେ ଅବର୍ଗୀୟା ଓ ଅଜାତିଆ ହୋଇ ରହିଯାଉଥିବା ଜନସମୁଦ୍ର ସେହି ବିନୋଦନକୁ ହିଁ ସାହିତ୍ୟ ବୋଲି ମାନି ନେଉଥିଲେ । କହିବା ବାହୁଲ୍ୟ, ଏହି କାରଣରୁ ସେତେବେଳେ ଭାଗ୍ୟହିଁ ସାହିତ୍ୟର ସର୍ବପରମ ନାୟକ ହୋଇ ରହିଥିଲା ।

**31.** ରାଜପ୍ରାସାଦରେ ଇତର ଲୋକ କାହିଁକି ନିଯୁକ୍ତ ହେଉଥିଲେ ?

(A) ସେବାପାଇଁ

(B) ଶାସନରେ ସହାୟତା ପାଇଁ

(C) ରାଜାଙ୍କ ସମ୍ମାନ ବଢ଼ାଇବା ପାଇଁ

(D) ସୁରକ୍ଷା ଦେବା ପାଇଁ

**32.** ଆମ ପ୍ରାଚୀନ ସାହିତ୍ୟରେ ଇତରଲୋକଙ୍କୁ କବିମାନେ ସ୍ଥାନ ଦେଉଥିଲେ କାହିଁକି ?

(A) ସାହିତ୍ୟର ମର୍ଯ୍ୟାଦା ବଢ଼ାଇବା ପାଇଁ

(B) ବିଷୟ ବର୍ଣ୍ଣନା ପାଇଁ

(C) ବାଧବାଧକତା ଯୋଗୁ

(D) ଜନଜୀବନର ଚିତ୍ର ଦେବା ପାଇଁ

**33.** ଅତୀତର ନାଟକରେ ରାଜକୁମାର ଓ ରାଜକନ୍ୟାମାନେ କଥିତ ଭାଷାରେ କାହିଁକି କଥାବାର୍ତ୍ତା କରୁନଥିଲେ ?

(A) କଥିତ ଭାଷାରେ ଲେଖିବା କଷ୍ଟସାଧ୍ୟ ହୋଇଥିବାରୁ

(B) କଥିତ ଭାଷା ଶ୍ରୁତିମଧୁର ହୋଇ ନଥିବାରୁ

(C) କଥିତ ଭାଷା ଅଶିକ୍ଷିତଙ୍କ ଭାଷା ହୋଇଥିବାରୁ

(D) କବିମାନେ କଥିତ ଭାଷାରେ ରସ ଓ ଅଳଙ୍କାର ପ୍ରୟୋଗ ଅସମ୍ଭବ ଭାବୁଥିବାରୁ

**34.** ଇଉରୋପର ଗୀର୍ଜାରେ କେଉଁ ଭାଷାରେ ପ୍ରାର୍ଥନା କରାଯାଉଥିଲା ?

(A) ଇଂରାଜୀ

(B) ସଂସ୍କୃତ

(C) ଲାଟିନ

(D) କଥିତ ଭାଷା

35. ଅତୀତ କାଳର ଇଉରୋପୀୟ ସାହିତ୍ୟ କ'ଣ ଥିଲା ?

(A) ମୁଷ୍ଟିମେୟ ଉଚ୍ଚବଂଶୀୟଙ୍କ ଅବସର ବିନୋଦନ ପାଇଁ ଉଦ୍ଦିଷ୍ଟ ରଚନା

(B) ସାଧାରଣ ଜନତାର ଧର୍ମଭାବନାର ପ୍ରତିନିଧି

(C) ସମାଜ ଜୀବନର ଚିତ୍ର

(D) ଭାଗ୍ୟବାନ୍‌ମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥ

ନିମ୍ନପ୍ରଦତ୍ତ କବିତାଟି ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନ (ନଂ**36** ରୁ ନଂ **40**) ଗୁଡ଼ିକର ଉତ୍ତର ଦିଅ :

କାହାକୁ ଅଛପା ଅଛି, ମାନବ ସମାଜେ
ସେ ଅତି ନାସ୍ତିକ ଜଣେ ମନେ, ବାକ୍ୟେ, କାର୍ଯ୍ୟେ ?
ବ୍ରାହ୍ମଣ କୁଳେ ତା' ଜନ୍ମ, ନାହିଁ ଉପବୀତ
ମ୍ଳେଚ୍ଛ ଅନ୍ନ ନ ଭୁଞ୍ଜିଲେ, ତୃପ୍ତ ନୁହେଁ ଚିତ୍ତ ।
ହରିନାମ ମୁଖେଦିନେ ନଧରେ ସ୍ୱପନେ,
ଧ୍ୟାନେ ନାହିଁ ମତି, ନାହିଁ ଦେବ-ଆରାଧନେ ।
ଆପଣା ବିବେକେ ବୁଝି କରିଯାଏ କର୍ମ,
ତହିଁ ତା ସନ୍ତୋଷ, ତାକୁ ମଣେ ଶ୍ରେଷ୍ଠ ଧର୍ମ ।
ରାଜ୍ୟନୃପ ପାଶେ ହାତ ନ ଯୋଡ଼ିଛି ତାର,
ଶାସକେ ପଦସ୍ଥେ ଦୂରୁଁ କରଇ ଜୁହାର ।
ସେହି ସେ ନାସ୍ତିକେ ଦିନେ ଦେଖି ଅକସ୍ମାତ,
ଅବିଶ୍ୱାସ ନିଜ ନେତ୍ରେ ହେଲା ମୋର ଜାତ ।
ନୀଳାଚଳେ ଜଗନ୍ନାଥ ମନ୍ଦିରେ ଏକାକୀ,
ପ୍ରଣମେ ସେ ଏକଧ୍ୟାନେ ମୁଦି ବେନି ଆଖି ।
ଚିତ୍ତେ କୌତୂହଳ ତିଳେ ନ ସମ୍ଭାଳି ପାରି,
"ଏ କି କର, ହେ ନାସ୍ତିକ ?" ଦେଲି ମୁଁ ପଚାରି;
"ଭଣ୍ଡ ତୁମେ, ଝିଙ୍ଗାସିଲି; ପ୍ରତାରକ ଅତି,
ତୁଣ୍ଡେ ଦେବେ ନାହିଁମାନ, ନଦେଖାଅ ଭକ୍ତି ।
ଏତେ ମିଥ୍ୟାଚାରେ କିପାଁ ଗଢ଼ିଛ ଜୀବନ
ନ ଜାଣ କି, ସତ୍ୟ ଅଟେ ଭବେ ମହାଧନ ?"

36. ନାସ୍ତିକ କ'ଣ କରୁଥିଲା ?

(A) ଧ୍ୟାନ

(B) ନାମଜପ

(C) ଦେବାରାଧନା

(D) ମ୍ଳେଚ୍ଛ ଘରେ ଭୋଜନ

37. ନାସ୍ତିକ କାହାକୁ ଶ୍ରେଷ୍ଠ ଧର୍ମ ବୋଲି ବିଚାର କରୁଥିଲା ?

(A) ବିବେକାନୁମୋଦିତ କାର୍ଯ୍ୟକୁ

(B) ଦେବପୂଜାକୁ

(C) ଜପତପକୁ

(D) ବ୍ରାହ୍ମଣ କର୍ମକୁ

38. ନାସ୍ତିକ କାହାଠାରୁ ଦୂରେଇ ରହୁଥିଲା ?

(A) ମଣିଷ ସମାଜ ଠାରୁ

(B) ନିଜ ପରିବାର ଠାରୁ

(C) ଶାସକ ଓ ପଦସ୍ଥମାନଙ୍କ ଠାରୁ

(D) ମ୍ଳେଚ୍ଛମାନଙ୍କ ଠାରୁ

39. ନାସ୍ତିକର କେଉଁ କାର୍ଯ୍ୟକୁ କବି ବିଶ୍ୱାସ କରିପାରିନଥିଲେ ?

(A) ଦେବତାଙ୍କ ଗୁଣଗାନ

(B) ଜଗନ୍ନାଥ ମନ୍ଦିରରେ ଧ୍ୟାନ

(C) ଧର୍ମ ପ୍ରଚାର

(D) ସମାଜ ସେବା

40. ସଂସାରରେ ମହାଧନ କ'ଣ ?

(A) ସତ୍ୟ

(B) ଶାନ୍ତି

(C) ମୈତ୍ରୀ

(D) ଧର୍ମ

41. କେଉଁ ପଦ୍ଧତିଟି ପଠନ ଶିକ୍ଷାଦାନ ପାଇଁ ଉପଯୁକ୍ତ ବିବେଚିତ ହୁଏ ନାହିଁ ?

(A) ବର୍ଣ୍ଣାନୁକ୍ରମିକ ପଦ୍ଧତି

(B) ବାକ୍ୟପଠନ ପ୍ରଣାଳୀ

(C) ଗଳ୍ପପଠନ ପ୍ରଣାଳୀ

(D) ଶବ୍ଦକ୍ରମିକ ପଦ୍ଧତି

42. 'ଦୁଃଖିତ' - ଏହା କେଉଁ ପଦ ?

(A) କ୍ରିୟା

(B) ଅବ୍ୟୟ

(C) ସର୍ବନାମ

(D) ବିଶେଷଣ

43. କେଉଁଟି ପଦ୍ମ ଶବ୍ଦର ପ୍ରତିଶବ୍ଦ ନୁହେଁ ?

(A) ରାଜୀବ

(B) ବାରିଜ

(C) ନୀରଦ

(D) ପୁଣ୍ଡରୀକ

44. 'ଧୂଆ ମୂଳା ଅଧୂଆ ମୂଳା ସବୁ ସମାନ' ରୂଢ଼ିଟିର ଅର୍ଥ କ'ଣ ?

(A) ବିଷମ ସମସ୍ୟାରେ ପଡ଼ିବା

(B) ସମସ୍ତଙ୍କୁ ସମାନ ବିଚାର କରିବା

(C) ଗୁରୁତ୍ୱ ଉପଲବ୍ଧି ନକରିବା

(D) ସହଜରେ ସମାଧାନ ହେବା

45. ମୌଖିକ ସାକ୍ଷାତକାର କେଉଁ ପ୍ରକାର ପରୀକ୍ଷଣ ?

(A) ସମନ୍ୱୟୀ

(B) ଉପଲବ୍ଧି

(C) ପ୍ରବୀଣତା

(D) ପୋର୍ଟଫୋଲିଓ

46. ''<u>ଏମନ୍ତ</u> ଭୂଇଁ, ଚାକୁଣ୍ଡା ବୁଣିଲେ ଉଠଇ ନାହିଁ ।'' - ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ବିକଳ୍ପାର୍ଥକ

(B) ସାଦୃଶ୍ୟାର୍ଥକ

(C) ବୀପ୍‌ସାର୍ଥକ

(D) ସମ୍ମତି ସୂଚକ

47. 'ପ୍ରତିକୂଳ' ଶବ୍ଦରେ କେଉଁ ଅର୍ଥରେ 'ପ୍ରତି' ଉପସର୍ଗ ବ୍ୟବହୃତ ?

(A) ବିପରୀତ

(B) ସମୀପ

(C) ସାଦୃଶ୍ୟ

(D) ସମାନ

48. 'ଅବସ୍ଥା ଅସମ୍ଭାଳ ହେବା' ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟିକୁ ଚିହ୍ନାଅ ।

(A) ତିନି ପାଞ୍ଚିରୁ ଯିବା

(B) ଦାନ୍ତରେ କୁଟା ଦେବା

(C) ଘରବୁଡ଼ି ପାଣି ଆଣ୍ଠୁଏ

(D) ଭେଳା ବୁଡ଼ିବା

୪୯. କେଉଁଟି ସୁରେନ୍ଦ୍ର ମହାନ୍ତିଙ୍କ ରଚନା ନୁହେଁ ?

(A) କାଳାନ୍ତର

(B) ନୀଳଶୈଳ

(C) ଦୁଇସୀମାନ୍ତ

(D) ହରିଜନ

50. ଠିକ୍ ବନାନ ଥିବା ଶବ୍ଦ ଚାରିପଟେ ଗୋଲ ବୁଲାଇବାକୁ କୁହାଯାଇଥିବା ପ୍ରଶ୍ନଟି କେଉଁ ପ୍ରକାର ପ୍ରଶ୍ନ ?

(A) ବର୍ଗୀକରଣମୂଳକ

(B) କ୍ଷୁଦ୍ର ଉତ୍ତରମୂଳକ

(C) ଉତ୍ତର ମନୋନୟନମୂଳକ

(D) ଦୃଷ୍ଟାନ୍ତମୂଳକ

51. ଅତିରିକ୍ତ ସାହିତ୍ୟ ଶିକ୍ଷାଦାନ ବେଳେ କାହା ଉପରେ ଗୁରୁତ୍ୱ ଦେବା ଉଚିତ ?

(A) ଶବ୍ଦାନୁଶୀଳନ

(B) ବିଶଦ ଆଲୋଚନା

(C) କଠିନ ଶବ୍ଦର ସ୍ପଷ୍ଟୀକରଣ

(D) ମୁଖ୍ୟ ଭାବଧାରାର ଉପସ୍ଥାପନ

52. କେଉଁଟି ଶବ୍ଦଟିର ଶୁଦ୍ଧ ରୂପ ?

(A) ଉର୍ଦ୍ଧ

(B) ଉର୍ଦ୍ଧ୍ୱ

(C) ଊର୍ଦ୍ଧ୍ୱ

(D) ଊର୍ଦ୍ଧ

53. ଶିଶୁର କେଉଁ ଦକ୍ଷତାର ପୂର୍ଣ୍ଣତମ ବିକାଶ ଘଟାଇବା ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ?

(A) କଥନ

(B) ଶ୍ରବଣ

(C) ପଠନ

(D) ଲିଖନ

54. କେଉଁଟି ବ୍ୟାକରଣ ଶିକ୍ଷାଦାନର ଉଦ୍ଦେଶ୍ୟ ନୁହେଁ ?

(A) ପିଲାମାନେ ମନର ଭାବନାକୁ ଶୁଦ୍ଧ ଭାବରେ କହିପାରିବେ ।

(B) କଳ୍ପନା ଓ ଚିନ୍ତାଶକ୍ତିର ବିକାଶ ସାଧନ କରିପାରିବେ ।

(C) ଶବ୍ଦଗଠନ ଏବଂ ବାକ୍ୟ ଗଠନର କୌଶଳ ଶିକ୍ଷା କରିବେ ।

(D) ମନର ଭାବନାକୁ ନିର୍ଭୁଲ ଭାବେ ଲେଖାରେ ପ୍ରକାଶ କରିପାରିବେ ।

55. କେଉଁ ମୂଲ୍ୟାୟନ ପାଠ୍ୟକ୍ରମ ସହିତ ନିବିଡ଼ ଭାବେ ସଂପୃକ୍ତ ?

(A) ପ୍ରବୀଣତା ପରୀକ୍ଷଣ

(B) ପୋର୍ଟଫୋଲିଓ ମୂଲ୍ୟାୟନ

(C) ସମନ୍ୱୟୀ ପରୀକ୍ଷଣ

(D) ଉପଲବ୍ଧି ପରୀକ୍ଷଣ

56. 'ସୌଷ୍ଠବ' ଶବ୍ଦର ପ୍ରକୃତି ପ୍ରତ୍ୟୟ କ'ଣ ?

(A) ସୁଷ୍ଠୁ + ଅ

(B) ସୁଷ୍ଠୁ + ବ

(C) ସୌଷ୍ଠ + ବ

(D) ସୌଷ୍ଠ୍ + ଅବ

57. କେଉଁ ଉକ୍ତିଟି ସମନ୍ୱିତ ପାଠ୍ୟପୁସ୍ତକ ପ୍ରତି ପ୍ରଯୁଜ୍ୟ ନୁହେଁ ?

(A) ଏଥିରେ ପିଲାମାନଙ୍କ ଅଭିଜ୍ଞତାକୁ ଗୁରୁତ୍ୱ ଦିଆଯାଇନାହିଁ ।

(B) ଏଥିରେ ପିଲାଙ୍କ ପ୍ରକୃତିକୁ ସମ୍ମାନ ଦିଆଯାଇଛି ।

(C) ଏଥିରେ ପାଠବହି ସହିତ କାର୍ଯ୍ୟବହି ଏକ ସଙ୍ଗେ ପ୍ରସ୍ତୁତ ହୋଇଛି ।

(D) ଏଥିରେ ପଢ଼ାଇବା ପାଇଁ ଶିକ୍ଷକମାନଙ୍କ ନିମନ୍ତେ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଛି ।

58. 'ନିରାପଦ'ର ବିପରୀତାର୍ଥ ବୋଧକ ଶବ୍ଦଟି କ'ଣ ?

(A) ଆପଦ

(B) ନିର୍ବିଘ୍ନ

(C) ସଂପଦ

(D) ପ୍ରବାଦ

59. ବ୍ୟାପକ ପଠନର ଲକ୍ଷ୍ୟ କ'ଣ ?

(A) ନୂତନ ଓ କ୍ଲିଷ୍ଟଶବ୍ଦ ପରିଚିତି

(B) ଭାଷାଗତ କୌଶଳ ହାସଲ

(C) ଆନନ୍ଦ ପ୍ରାପ୍ତି

(D) ବ୍ୟାକରଣ ଜ୍ଞାନର ଅଭିବୃଦ୍ଧି

60. 'ଦୂରାବସ୍ଥା' ଶବ୍ଦରେ ବର୍ଣ୍ଣାଶୁଦ୍ଧିର କାରଣ କ'ଣ ?

(A) ତ୍ରୁଟିପୂର୍ଣ୍ଣ ଉଚ୍ଚାରଣ

(B) ଉପଯୁକ୍ତ ବ୍ୟାକରଣ ଜ୍ଞାନର ଅଭାବ

(C) ପାରିପାର୍ଶ୍ୱିକ ପ୍ରଭାବ

(D) ଅସାବଧାନତା

## L - ENGLISH

61. Some of the crockery ________ broken.
(A) has been
(B) have been
(C) were
(D) have

62. Which of the following activities comes first while teaching a prose text ?
(A) Dividing the whole text into sense group paras.
(B) Planning some activities for the learners to introduce the topic.
(C) Silent reading by the learners.
(D) Asking questions for helping comprehension.

63. One who loves and works for his fellowmen is called a/an ________.
(A) optimist
(B) fatalist
(C) misanthropist
(D) philanthropist

64. Intonation is learnt through ________.
(A) reading
(B) listening
(C) writing
(D) speaking

65. While we ________ our dinner, the light went out.
(A) have
(B) are having
(C) had
(D) were having

66. I visited him ________ Christmas day.
(A) on
(B) in
(C) at
(D) upon

67. She said, "My father died a year ago." The above sentence can be reported as :
(A) She said that her father had died a year before.
(B) She said that her father died a year before.
(C) She said that her father died a year ago.
(D) She said that her father has died a year before.

68. The objective of note-taking is to develop ________.
(A) reading and writing
(B) listening and writing
(C) listening and speaking
(D) writing and speaking

69. Verbal test can assess the ability of ________.
(A) listening
(B) speaking
(C) writing
(D) listening and speaking

70. His behaviour on that occasion was quite ________.

(A) unappropriate

(B) inappropriate

(C) misappropriate

(D) inappropriately

71. State which of the following is grammatically acceptable.

(A) O Hamlet, speak no more!

(B) O Hamlet! speak no more!

(C) O Hamlet speak no more.

(D) O Hamlet, speak no more.

72. People say that Govind was a great doctor. The passive form of the above sentence is :

(A) It is said that Govind was a great doctor.

(B) It was said that Govind was a great doctor.

(C) It was said that Govind had been a great doctor.

(D) It is said that Govind is a great doctor.

73. Using intonation is necessary both for ________.

(A) speaking and writing

(B) speaking and listening

(C) speaking and reading

(D) listening and writing

74. Lalita kept her coat on, ________ it was warm in the room.

(A) since

(B) although

(C) yet

(D) still

75. Questions on comprehension test the learner's ability of ________.

(A) understanding

(B) vocabulary

(C) speaking

(D) writing

76. Students explore the meaning and information about a lesson ________.

(A) during silent reading

(B) after silent reading

(C) before silent reading

(D) after extensive reading

77. Spacing is necessary for ________.

(A) reading

(B) writing

(C) speaking

(D) listening

78. Dictation tests the skill of ________.

(A) listening

(B) listening and speaking

(C) listening and writing

(D) speaking and writing

79. He is suffering from ________.

(A) the headache

(B) headache

(C) a headache

(D) an headache

80. What type of questions promote thinking skills in children ?

(A) Open-ended questions

(B) Close-ended questions

(C) Factual questions

(D) Questions based purely on the reading text

**Read the passage below and answer the questions (Q. No. 81 - 85) choosing the correct alternatives given.**

At this time also Gandhi became more interested in religions. When friends asked him to help them in their understanding of the Bhagabad Gita, he began to see how beautiful it was. Before long it became for him the one book for the best knowledge of truth. Someone gave him a Bible and in it he found some teachings of Jesus which he liked very much because they were so like certain ideas in the Gita. Then from a reading of a book by the English writer Carlyle, he learned about the Prophet Mahammed and about his greatness and bravery and simple living. At this time he was beginning to learn that the truth he loved was not to be found in any one religion only.

81. Gandhi liked very much the teachings of Jesus as ________.

(A) they resembled certain ideas in the Gita

(B) they taught him to live bravely

(C) they helped him understand the Gita

(D) they taught him the lesson in simple living

82. Which book for Gandhi was the one book for the best knowledge of truth ?

(A) The Bhagabad Gita

(B) The Bible

(C) The Quran

(D) The Bhagabad and Quran

83. Thomas Carlyle was ________ author.

(A) a German

(B) a French

(C) an English

(D) an American

84. Gandhi began to see the beauty of the Bhagabad Gita ________.

(A) when he became more interested in religion

(B) when his friends requested him to help them in understanding it

(C) when his friends gave it to him to read with interest

(D) when he began to find the teachings of Jesus in it

85. The phrase 'before long' means ________.

(A) certainly

(B) slowly

(C) later

(D) soon

**Read the following poem and answer the questions (Q. No. 86 - 90) choosing the correct alternatives given.**

The storm came on before the time
She wandered up and down;
And many a hill did Lucy climb;
But never reached the town.
The wretched parents all that night
Went shouting far and wide;
But there was neither sound nor sight
To serve them for a guide.
That day-break on a hill, they stood
That overlooked the moor;
And thence they saw the bridge of wood,
A furlong from their door.
They wept and turning homeward, cried,
In heaven we all shall meet,
When in the snow the mother spied
The print of Lucy's feet.

**86.** Who did not reach the town ?

(A) The poet

(B) The parents

(C) Lucy

(D) The storm

**87.** The parents were looking for ________.

(A) a guide

(B) the bridge

(C) their daughter

(D) the moor

**88.** The 'wretched' means ________.

(A) old and weak

(B) angry

(C) contented

(D) feeling unhappy

**89.** What did the parents see from the hill ?

(A) A field

(B) A wooden bridge

(C) Their door

(D) The moor

**90.** Why did they weep ?

(A) Because they could not arrive home

(B) Because they were lost in the storm

(C) Because they could not find Lucy

(D) Because they thought they could die

## ଗଣିତ ଓ ବିଜ୍ଞାନ / MATHEMATICS & SCIENCE

91. ପ୍ରାଥମିକ ବିଦ୍ୟାଳୟ ସ୍ତରରେ କେଉଁ ଶିକ୍ଷଣ ପଦ୍ଧତି ଅବଲମ୍ବନ କରାଯାଇଥାଏ ?

(A) ଫ୍ରେଞ୍ଚ ପଦ୍ଧତି

(B) କିଣ୍ଡର ଗାଟେନ୍ ପଦ୍ଧତି

(C) ଅନୁକରଣ ପଦ୍ଧତି

(D) ଉପରୋକ୍ତ ସମସ୍ତ ପଦ୍ଧତି

91. Which learning method is adopted at Elementary School Level ?

(A) French Method

(B) Kindergarten Method

(C) Imitation Method

(D) All the above Methods

92. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଣିତ ଶିକ୍ଷଣ ପଦ୍ଧତିର ଲକ୍ଷଣ ନୁହେଁ ?

(A) ଅଂଶଗ୍ରହଣ କରିବାର ସୁଯୋଗ

(B) ସ୍ୱତଃପ୍ରବୃତ୍ତ ଭାବେ ଅଂଶ ଗ୍ରହଣ କରିବା

(C) ଆଗ୍ରହ ଉଦ୍ଦିପକ ପ୍ରଦାନ

(D) ଦୁର୍ବଳ ଶିକ୍ଷାର୍ଥୀମାନଙ୍କୁ ଅବହେଳା କରିବା

92. Which one of the following is not a characteristics of Learning Mathematics ?

(A) Provide scope for participation

(B) Take active part spontaneously

(C) Providing stimulus for interest

(D) Neglect the backward students

93. ଏକ ତ୍ରିଭୁଜର କ୍ଷେତ୍ରଫଳ ଏକ ଟ୍ରାପିଜିୟମ୍‌ର କ୍ଷେତ୍ରଫଳର $\frac{1}{3}$ ଅଂଶ । ତ୍ରିଭୁଜ ଓ ଟ୍ରାପିଜିୟମ୍‌ର ଉଚ୍ଚତା ସମାନ ଓ ତ୍ରିଭୁଜର ଭୂମି 20 ସେ.ମି. ହେଲେ, ଟ୍ରାପିଜିୟମ୍‌ର ଦୁଇ ଅସମାନ୍ତର ବାହୁର ମଧ୍ୟବିନ୍ଦୁକୁ ଯୋଗ କରୁଥିବା ରେଖାଖଣ୍ଡର ଦୈର୍ଘ୍ୟ କେତେ ?

(A) 20 ସେ.ମି.

(B) 30 ସେ.ମି.

(C) 35 ସେ.ମି.

(D) 40 ସେ.ମି.

93. A triangle is $\frac{1}{3}$rd the area of a trapezium.

If the triangle and the trapezium are of equal height and the base of the triangle is 20 cm, what is the length of the line segment that joins the midpoints of the non-parallel sides of the trapezium ?

(A) 20 cm

(B) 30 cm

(C) 35 cm

(D) 40 cm

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

94. ଦୁଇଟି ସଂଖ୍ୟାର ମଧ୍ୟ ସମାନୁପାତୀ 28 ଓ ତୃତୀୟ ସମାନୁପାତୀ 224 । ସଂଖ୍ୟା ଦ୍ୱୟ ନିର୍ଣ୍ଣୟ କର ।

(A) 14, 56

(B) 56, 7

(C) 28, 56

(D) 14, 34

94. The mean proportion between two numbers is 28 and their third proportion to them is 224. Find the two numbers.

(A) 14, 56

(B) 56, 7

(C) 28, 56

(D) 14, 34

95. ଗଣିତର ନିର୍ଦ୍ଦିଷ୍ଟ ଶିକ୍ଷଣ ଅସୁବିଧା ଚିହ୍ନଟ କରିବା ପାଇଁ କେଉଁ ପ୍ରକ୍ରିୟାଟି ଅନ୍ତର୍ଭୁକ୍ତ ଅଟେ ?

(A) ଅନୁମାନ

(B) ନିଦାନମୂଳକ

(C) ଆକଳନ

(D) ତୁଳନାତ୍ମକ

95. Which process is involved to identify the specific learning difficulties in Mathematics ?

(A) Prognosis

(B) Diagnosis

(C) Prediction

(D) Comparison

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

96. $\Delta ABC$ ରେ D, $\overline{BC}$ ଉପରିସ୍ଥ ଏକ ବିନ୍ଦୁ ଏବଂ $m\angle ABC = m\angle DAC$ । ଯଦି $AD = 6$ ସେମି, $AC = 12$ ସେମି ଓ $CD = 9$ ସେମି ହୁଏ, $\Delta ABC$ ର ପରିସୀମା ନିର୍ଣ୍ଣୟ କର ।




(A) 28 ସେମି

(B) 32 ସେମି

(C) 34 ସେମି

(D) 36 ସେମି

96. In $\Delta ABC$, D is a point on $\overline{BC}$ and $m\angle ABC = m\angle DAC$. If $AD = 6$ cm, $AC = 12$ cm and $CD = 9$ cm, find the perimeter of $\Delta ABC$.




(A) 28 cm

(B) 32 cm

(C) 34 cm

(D) 36 cm

97. ଶୈକ୍ଷିକ ଉଦ୍ଦେଶ୍ୟ ବର୍ଗୀକରଣର ଅଗ୍ରଦୂତ କିଏ ?

(A) ଏ.ଜେ. ହାରୋ

(B) ବି.ଏସ୍. ବ୍ଲୁମ୍

(C) କାରଥୱଲ

(D) ସିମ୍ପସନ୍

97. Who is the Pioneer of Taxonomy of educational objectives ?

(A) A.J. Harrow

(B) B.S. Bloom

(C) Krathwohl

(D) Simpson

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

98. ଯଦି $x = 2 + 3^{\frac{1}{3}} + 3^{\frac{2}{3}}$ ହୁଏ, $x^3 - 6x^2 + 3x$ ର ମୂଲ୍ୟ କେତେ ?

(A) 8

(B) 6

(C) 4

(D) 2

98. If $x = 2 + 3^{\frac{1}{3}} + 3^{\frac{2}{3}}$, then what is the value of $x^3 - 6x^2 + 3x$ ?

(A) 8

(B) 6

(C) 4

(D) 2

99. $15^{30} \times 10^{12}$ ର ଗୁଣଫଳର ଶେଷରେ କେତୋଟି ଶୂନ ରହିବ ?

(A) 30

(B) 12

(C) 42

(D) 6

99. The number of zeroes at the end of the number obtained on multiplying $15^{30} \times 10^{12}$ is :

(A) 30

(B) 12

(C) 42

(D) 6

100. ତିନୋଟି ଭିନ୍ନ ଭିନ୍ନ ଗଣନ ସଂଖ୍ୟା ମଧ୍ୟରୁ ପ୍ରତ୍ୟେକ ଯୋଡ଼ା ସଂଖ୍ୟାର ଗ.ସା.ଗୁ. 29 ଓ ସଂଖ୍ୟାତ୍ରୟର ସମଷ୍ଟି 290 । ଯଦି ପ୍ରତ୍ୟେକ ସଂଖ୍ୟା 30 ଅପେକ୍ଷା ବୃହତ୍ତର ହୋଇଥାଏ, ତେବେ ବୃହତ୍ତମ ସଂଖ୍ୟାଟି କେତେ ?

(A) 75

(B) 95

(C) 145

(D) 135

100. From among three numbers greater than 30, each pair has the HCF 29 and their sum is 290. What is the largest number ?

(A) 75

(B) 95

(C) 145

(D) 135

**ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK**

29

101. ନିମ୍ନଲିଖିତ ମଧ୍ୟରୁ କେଉଁଟି ଗଣିତର ସମୃଦ୍ଧି ସାଧନ କାର୍ଯ୍ୟକ୍ରମ ସହିତ ଗଭୀର ଭାବରେ ଜଡ଼ିତ ?

(A) ଶିକ୍ଷାର୍ଥୀମାନଙ୍କୁ ନିଜସ୍ୱ ଧାରାରେ କାର୍ଯ୍ୟକରିବା ପାଇଁ ଅନୁମତି ପ୍ରଦାନ ।

(B) ବିଭିନ୍ନ ବର୍ଗର ଶିକ୍ଷାର୍ଥୀମାନଙ୍କୁ ସହ-ଭାଗିତାର ସହିତ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ ।

(C) ବିଷୟ ଉପରେ ଗଭୀର ଜ୍ଞାନ ହାସଲ ପାଇଁ ଗୁରୁତ୍ୱ ପ୍ରଦାନ ନକରିବା ।

(D) ବୌଦ୍ଧିକ ଦୁର୍ବଳ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ଉପରେ ବୌଦ୍ଧିକ ଅଗ୍ରଣୀ ଶିକ୍ଷାର୍ଥୀମାନେ ପ୍ରଭାବ ବିସ୍ତାର କରିଥାନ୍ତି ।

101. Which one of the following is associated with the enrichment programme in Mathematics ?

(A) Students are allowed to work at their own pace.

(B) Different category of students are allowed to work with Co-operation.

(C) No seriousness is required for acquiring depth knowledge on content matter.

(D) Intellectually inferior students are always dominated by intellectually superior students.

102. ₹ 6,000 କୁ ଏପରି ଦୁଇଭାଗ କର ଯେପରିକି ଗୋଟିଏ ଭାଗକୁ ବାର୍ଷିକ 12% ସୁଧ ହାରରେ 3 ବର୍ଷ ଲାଗି କରଜ ଦେଲେ ଯେତିକି ସୁଧ ମିଳିବ, ଅନ୍ୟ ଭାଗକୁ ବାର୍ଷିକ 16% ସୁଧ ହାରରେ 4 ବର୍ଷ 6 ମାସ ପାଇଁ କରଜ ଦେଲେ ସେତିକି ସୁଧ ମିଳିବ ।

(A) ₹ 3,500, ₹ 2,500

(B) ₹ 3,750, ₹ 2,250

(C) ₹ 4,000, ₹ 2,000

(D) ₹ 4,250, ₹ 1,750

102. Divide ₹ 6,000 into two parts, such that interest on first part at 12% rate of interest for 3 yrs. will be equal with the interest received on second part at 16% rate of interest for 4 yrs. 6 months.

(A) ₹ 3,500, ₹ 2,500

(B) ₹ 3,750, ₹ 2,250

(C) ₹ 4,000, ₹ 2,000

(D) ₹ 4,250, ₹ 1,750

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

x

6000-x

103. $\sqrt{8.5} = 2.915$, $\sqrt{85} = 9.2915$ ହେଲେ, $\sqrt{0.00085} = ?$

(A) 0.0921

(B) 0.00291

(C) 2.0915

(D) 0.02915

103. If $\sqrt{8.5} = 2.915$ and $\sqrt{85} = 9.2915$, then $\sqrt{0.00085} = ?$

(A) 0.0921

(B) 0.00291

(C) 2.0915

(D) 0.02915

104. ଯଦି ଗୋଟିଏ ଦୋକାନୀ ଲିଖିତ ମୂଲ୍ୟ ₹ 150 ଥିବା ବ୍ୟାଟକୁ 15% ରିହାତିରେ ବିକିବା ସହ ₹ 7.50 ମୂଲ୍ୟର ଏକ ବଲ୍ ମାଗଣା ଦିଅନ୍ତି ତେବେ ତାଙ୍କର 20% ଲାଭ ହୁଏ । ବ୍ୟାଟ୍‌ର କିଣାଦାମ ସ୍ଥିର କର ।

(A) ₹ 90

(B) ₹ 100

(C) ₹ 110

(D) ₹ 120

104. If a shopkeeper sells a bat marked ₹ 150 at 15% discount and gives a ball costing ₹ 7.50 free with each bat, then he makes a profit of 20%. His cost price per bat will be :

(A) ₹ 90

(B) ₹ 100

(C) ₹ 110

(D) ₹ 120

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

**105.** ଦତ୍ତ ଚିତ୍ରରେ DH : HG = 3 : 1, EG : GF = 1 : 2, DX : XF ନିର୍ଣ୍ଣୟ କର ।




(A) 1 : 1

(B) 1 : 2

(C) 1 : 3

(D) 1 : 4

**106.** ଗୋଟିଏ ପାତ୍ରରେ ଥିବା କ୍ଷୀର ଓ ଜଳର ମିଶ୍ରଣରେ, କ୍ଷୀର ଓ ଜଳର ଅନୁପାତ ଥିଲା 3 : 2 ଏବଂ ଅନ୍ୟ ଏକ ପାତ୍ରରେ କ୍ଷୀର ଓ ଜଳର ଅନୁପାତ ଥିଲା 5 : 3 । ଉଭୟ ପାତ୍ରରୁ କେଉଁ ଅନୁପାତରେ ମିଶ୍ରଣ ନେଇ ମିଶାଇଲେ, ନୂତନ ମିଶ୍ରଣରେ କ୍ଷୀର ଓ ଜଳର ଅନୁପାତ ହେବ 11 : 7 ?

(A) 8 : 5

(B) 8 : 7

(C) 5 : 3

(D) 5 : 4

**105.** In the figure shown DH : HG = 3 : 1, EG : GF = 1 : 2, find DX : XF.




(A) 1 : 1

(B) 1 : 2

(C) 1 : 3

(D) 1 : 4

**106.** A mixture of milk and water in the ratio 3 : 2 was taken in a pot and in another pot, the ratio of mixture of milk to water was 5 : 3. In what ratio of the mixture from the two pots be mixed such that the ratio of milk and water in that resultant mixture will be 11 : 7 ?

(A) 8 : 5

(B) 8 : 7

(C) 5 : 3

(D) 5 : 4

**ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK**

107. ନିମ୍ନୋକ୍ତ ମଧ୍ୟରୁ କାହାର ମୂଲ୍ୟ ସର୍ବାଧିକ ?

(A) $\sqrt{8}+\sqrt{22}$

(B) $\sqrt{1}+\sqrt{29}$

(C) $\sqrt{12}+\sqrt{18}$

(D) $\sqrt{10}+\sqrt{20}$

107. Which of the following has the greatest value ?

(A) $\sqrt{8}+\sqrt{22}$

(B) $\sqrt{1}+\sqrt{29}$

(C) $\sqrt{12}+\sqrt{18}$

(D) $\sqrt{10}+\sqrt{20}$

108. $3(3^{3x}) = 27^x + 54$ ହେଲେ, $x$ ର ମାନ କେତେ ?

(A) $\frac{1}{2}$

(B) 1

(C) $1\frac{2}{3}$

(D) 2

108. If $3(3^{3x}) = 27^x + 54$, then the value of $x$ is ________ .

(A) $\frac{1}{2}$

(B) 1

(C) $1\frac{2}{3}$

(D) 2

109. ଯଦି $2^{x+y} = 32$ ଓ $2^{x-y} = 4^2$ ହୁଏ, ତେବେ $x^2 + y^2$ = ________ ।

(A) $\frac{17}{2}$

(B) $\frac{19}{2}$

(C) $\frac{29}{2}$

(D) $\frac{41}{2}$

109. If $2^{x+y} = 32$ and $2^{x-y} = 4^2$, then $x^2 + y^2$ = ________.

(A) $\frac{17}{2}$

(B) $\frac{19}{2}$

(C) $\frac{29}{2}$

(D) $\frac{41}{2}$

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

110. ନିମ୍ନଲିଖିତ ମଧ୍ୟରୁ କେଉଁ ଶ୍ରେଣୀ ପାଇଁ ମୂଲ୍ୟାୟନର ଫଳାଫଳ ଆବଶ୍ୟକ ଅଟେ ?

(A) ଶିକ୍ଷାର୍ଥୀ

(B) ଶିକ୍ଷକ

(C) ପ୍ରଶାସକ

(D) ଉପରୋକ୍ତ ସମସ୍ତ

110. For which category of the following the results of evaluation is necessary ?

(A) Student

(B) Teacher

(C) Administrator

(D) All of the above

111. କେଉଁଟି ଗଣିତର ସ୍ୱରୂପ ସହିତ ସଂପୃକ୍ତ ନୁହେଁ ?

(A) ତାର୍କିକ

(B) ସୁବ୍ୟବସ୍ଥିତ

(C) ଅବିକଳତା

(D) ବର୍ଣ୍ଣନାତ୍ମକ

111. Which one does not link with the nature of Mathematics ?

(A) Logical

(B) Systematic

(C) Exactness

(D) Descriptive

112. ଏକ ସୁଷମ ବହୁଭୁଜର ଅନ୍ତଃସ୍ଥ ଓ ବହିଃସ୍ଥ କୋଣ ମଧ୍ୟରେ ପାର୍ଥକ୍ୟ 60°, ତେବେ ଉକ୍ତ ବହୁଭୁଜର ବାହୁସଂଖ୍ୟା କେତେ ?

(A) 5

(B) 6

(C) 7

(D) 8

112. The difference between the interior and exterior angles of a regular polygon is 60°. Then, how many sides are there in that polygon ?

(A) 5

(B) 6

(C) 7

(D) 8

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

113. ଏକ ଗାଣିତିକ ସମସ୍ୟାକୁ ବିଭିନ୍ନ ଅର୍ଥପୂର୍ଣ୍ଣ ଅଂଶରେ ବିଭକ୍ତ କରି ଏକ ନିର୍ଦ୍ଦିଷ୍ଟ ସମାଧାନରେ ପହଞ୍ଚିବା ପ୍ରଣାଳୀକୁ କେଉଁ ପଦ୍ଧତି କୁହାଯାଏ ?

(A) ଆରୋହ
(B) ଅବରୋହ
(C) ବିଶ୍ଳେଷଣ
(D) ସଂଶ୍ଳେଷଣ

113. In which method a Mathematics Problem is divided into meaningful parts to derive at solutions ?

(A) Inductive
(B) Deductive
(C) Analysis
(D) Synthesis

114. ନିମ୍ନ ମଧ୍ୟରୁ କେଉଁଟି ଜ୍ଞାନ ସଂଗଠନ ପନ୍ଥାର ମୁଖ୍ୟ ଧାରଣା ନୁହେଁ ?

(A) ଶିକ୍ଷାର୍ଥୀ ସକ୍ରିୟ ହୋଇ ନିଜର ଜ୍ଞାନ ନିର୍ମାଣ କରେ ।
(B) ସାମାଜିକ ଭାବ ବିନିମୟ ଦ୍ୱାରା ଶିକ୍ଷଣ ସମ୍ଭବ ହୋଇଥାଏ ।
(C) ଶିକ୍ଷାର୍ଥୀର ଅନୁସନ୍ଧାନମୂଳକ ଚିନ୍ତନ, ମୂଲ୍ୟାୟନ, ସୃଜନଶୀଳତା ଆଦି ଦକ୍ଷତା ବୃଦ୍ଧିରେ ସହାୟକ ହୋଇନଥାଏ ।
(D) ଶିକ୍ଷାର୍ଥୀଠାରେ ଥିବା ଅଭିଜ୍ଞତା ସହ ନୂତନ ଅଭିଜ୍ଞତା ସମ୍ମିଳିତ ହୋଇ ଜ୍ଞାନ ନିର୍ମାଣ ହୋଇଥାଏ ।

114. Which of the following is not an example of Constructivist approach ?

(A) Student actively construct his/her knowledge.
(B) Learning through social interaction and exchange of ideas and values.
(C) It does not develop skills like critical thinking, evaluation and creativity.
(D) Construction of knowledge is possible by addition of new experience with student's own experience.

115. "ଗଣିତ ଏକ ବିଜ୍ଞାନ ଯାହାକି ଆବଶ୍ୟକ ସିଦ୍ଧାନ୍ତ ନିର୍ଦ୍ଧାରଣ କରେ" । - କିଏ କହିଥିଲେ ?

(A) ଲୋକେ
(B) ହଗ୍‌ବେନ୍
(C) ବେଞ୍ଜାମିନ୍ ପେରିସ୍
(D) ଗାଲିଲିଓ

115. "Mathematics is the Science which draws necessary conclusions". Who said this ?

(A) Locke
(B) Hogben
(C) Benjamin Peirce
(D) Galileo

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

116. ଦତ୍ତ ଚିତ୍ରରେ PQ = PR, RQ = RS ଓ ST||QR ∠RST ର ପରିମାଣ ନିର୍ଣ୍ଣୟ କର ।




(A) 64°

(B) 52°

(C) 12°

(D) 76°

116. In the given figure, PQ = PR, RQ = RS and ST||QR. Find the measures of ∠RST.




(A) 64°

(B) 52°

(C) 12°

(D) 76°

117. $1\frac{2}{7}$ ର ଗୁଣନାତ୍ମକ ବିଲୋମୀର ଏକ ସମ ଭଗ୍ନାଂଶ ନିର୍ଣ୍ଣୟ କର, ଯାହାର ଲବ ଓ ହରର ପାର୍ଥକ୍ୟ 8 ହେବ ।

(A) $\frac{24}{32}$

(B) $\frac{35}{43}$

(C) $\frac{18}{26}$

(D) $\frac{28}{36}$

117. Find a fraction, equivalent to the multiplicative inverse of $1\frac{2}{7}$, such that the difference between the numerator and the denominator of the fraction is 8.

(A) $\frac{24}{32}$

(B) $\frac{35}{43}$

(C) $\frac{18}{26}$

(D) $\frac{28}{36}$

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

118. ଏକ ସମକୋଣୀ ତ୍ରିଭୁଜର ଗୋଟିଏ ବାହୁର ଦୈର୍ଘ୍ୟ 20 ସେମି ଏବଂ କର୍ଣ୍ଣ ଓ ଅନ୍ୟବାହୁର ଦୈର୍ଘ୍ୟର ଅନ୍ତର 8 ସେମି ହେଲେ, ଅନ୍ୟ ବାହୁଟିର ଦୈର୍ଘ୍ୟ ସ୍ଥିର କର ।

(A) 21 ସେମି

(B) 29 ସେମି

(C) 25 ସେମି

(D) 16 ସେମି

119. $x + a = x + b$ ହେଲେ, $a = b$; ଏହା ଯୋଗ ପ୍ରକ୍ରିୟାର କେଉଁ ନିୟମ ଅନ୍ତର୍ଭୁକ୍ତ ?

(A) ସହଯୋଗୀ

(B) ବଣ୍ଟନ

(C) କ୍ରମ

(D) ଛେଦନ

120. $\sqrt[3]{2}$ ଓ $\sqrt{3}$ ର ଗୁଣଫଳ ସ୍ଥିର କର ।

(A) $\sqrt[6]{6}$

(B) $\sqrt[6]{72}$

(C) $\sqrt[6]{108}$

(D) ନିର୍ଣ୍ଣୟ କରାଯାଇପାରିବ ନାହିଁ

118. One side of a right triangle measures 20 cm and the difference in lengths of its hypotenuse and the other side is 8 cm. Find the length of its unknown side other than hypotenuse.

(A) 21 cm

(B) 29 cm

(C) 25 cm

(D) 16 cm

119. If $x + a = x + b$ implies that $a = b$; this can be established by which law of addition ?

(A) Associative

(B) Distribution

(C) Order

(D) Cancellation

120. Find the product of $\sqrt[3]{2}$ and $\sqrt{3}$.

(A) $\sqrt[6]{6}$

(B) $\sqrt[6]{72}$

(C) $\sqrt[6]{108}$

(D) Cannot be determined

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

121. 4.5 ଲିଟର ଗାଢ ହାଇଡ୍ରୋକ୍ଲୋରିକ୍ ଏସିଡ୍‌ରୁ ସର୍ବାଧିକ କେତେ ଲିଟର ଅମ୍ଳରାଜ ପ୍ରସ୍ତୁତ କରାଯାଇପାରିବ ?

(A) 4.5 ଲିଟର

(B) 6.0 ଲିଟର

(C) 7.5 ଲିଟର

(D) 9.0 ଲିଟର

122. କଳାପଟା ଅଭିଯାନ ଯୋଜନା କେଉଁ ଜତୀୟ ଶିକ୍ଷାନୀତିର ଏକ ଅଂଶ ?

(A) ଜାତୀୟ ଶିକ୍ଷାନୀତି 1986

(B) ଜାତୀୟ ଶିକ୍ଷାନୀତି 2020

(C) ଜାତୀୟ ଶିକ୍ଷାନୀତି 1968

(D) ଏମାନଙ୍କ ମଧ୍ୟରୁ କେଉଁଟି ବି ନୁହେଁ

123. ଶ୍ୱେତସାର ଓ ସ୍ନେହସାର : ଶକ୍ତି : : ଧାତୁସାର ଓ ଜୀବସାର : __________,

ପ୍ରଶ୍ନଟି କେଉଁ ପ୍ରକାର ନିର୍ଦ୍ଧାରିତ ଉତ୍ତରମୂଳକ ?

(A) ବିବିଧ ଉତ୍ତରମୂଳକ

(B) ସାଦୃଶ୍ୟମୂଳକ

(C) ମେଳକ

(D) ଚୟନଭିତ୍ତିକ

121. In maximum how many litres of aquaregia can be prepared from 4.5 litres of concentrated hydrochloric acid ?

(A) 4.5 litre

(B) 6.0 litre

(C) 7.5 litre

(D) 9.0 litre

122. The operation blackboard is a part of which National Education Policy ?

(A) National Education Policy 1986

(B) National Education Policy 2020

(C) National Education Policy 1968

(D) None of the above

123. Carbohydrate and fat : Energy : : Minerals and Vitamins : __________

Which type of fixed answer question is it ?

(A) Multiple choice based

(B) Analogical

(C) Matching type

(D) Selection based

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

124. ପ୍ରାଥମିକ ଶିକ୍ଷାରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କାହିଁକି କରାଯାଇଥିଲା ?

(A) ପ୍ରାଥମିକ ଶିକ୍ଷାକୁ ପୁଷ୍ଟି ସହାୟତା ଯୋଗାଇବା

(B) ଆନୁଷ୍ଠାନିକ ସଂସ୍କାର ଆଣିବା

(C) ଗୋଷ୍ଠୀ ପ୍ରତି ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେବା

(D) ଗୋଷ୍ଠୀ ସଂପୃକ୍ତିକୁ ମଜଭୂତ କରିବା

124. Why was mid-day meal introduced in primary education ?

(A) To give nutritional support to primary education

(B) To bring institutional reforms

(C) To emphasize on accountability to the community

(D) To strengthen community participation

125. ବିଜ୍ଞାନ ବିଷୟ ପଢାଇବା ସମୟରେ ଶିକ୍ଷକମାନେ ବିଭିନ୍ନ ପଦ୍ଧତିର ଅବଲମ୍ବନ କରିଥାନ୍ତି ଓ ତାହା ଶିକ୍ଷାର୍ଥୀଙ୍କ ଗ୍ରହଣୀୟ ହୋଇଥାଏ । ତେବେ ନିମ୍ନପ୍ରଦତ୍ତ ମଧ୍ୟରୁ କେଉଁଟି ବୈଜ୍ଞାନିକ ମନୋଭାବର ବିକାଶ କରେ ନାହିଁ ?

(A) ବିଷୟଟି ବିଜ୍ଞାନାଗାରରେ ପରୀକ୍ଷଣ

(B) ଶ୍ରେଣୀ ବାହାର ପରିସ୍ଥିତିରେ ବିଷୟଟିର ପର୍ଯ୍ୟବେକ୍ଷଣ

(C) ବିଷୟର ପ୍ରାଞ୍ଜଳ ଭାବେ ବର୍ଣ୍ଣନ

(D) ବିଷୟଟିକୁ ପ୍ରକଳ୍ପ ଦ୍ୱାରା ଅନୁଧାନ

125. Teachers adopt various means while teaching Science subjects and it is accepted by students. Then which of the following does not develop scientific temperament ?

(A) Through experiment of the topic in Laboratory.

(B) Observation of the topic in the outside class environment.

(C) Vivid description of the topic.

(D) Observation of the phenomenon through project.

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

126. ସୂର୍ଯ୍ୟ କିରଣ ଆଡ଼କୁ କାଣ୍ଡର ବଙ୍କେଇ ହୋଇ ଚଳନକୁ କ'ଣ କୁହାଯାଏ ?

(A) ଅନୁକୂଳ ଜ୍ୟାନୁବର୍ତ୍ତନ

(B) ପ୍ରତିକୂଳ ଜ୍ୟାନୁବର୍ତ୍ତନ

(C) ଅନୁକୂଳ ଆଲୋକାନୁବର୍ତ୍ତନ

(D) ପ୍ରତିକୂଳ ଆଲୋକାନୁବର୍ତ୍ତନ

126. What is the bending movement of stem towards the sun light called ?

(A) Positive geotropism

(B) Negative geotropism

(C) Positive phototropism

(D) Negative phototropism

127. ଧାତୁ ନିଷ୍କାସନ ପଦ୍ଧତି ସହିତ କେଉଁ ପ୍ରକ୍ରିୟାଟି ସଂପୃକ୍ତ ନୁହେଁ ?

(A) ଫ୍ରଥ୍ ଫ୍ଲୋଟେସନ୍

(B) କାଟିନେସନ୍

(C) କ୍ୟାଲ୍‌ସିନେସନ୍

(D) ଚୁମ୍ବକୀୟ ପୃଥକୀକରଣ

127. Which of the following processes is not associated with metallurgy ?

(A) Froth floatation

(B) Catenation

(C) Calcination

(D) Magnetic separation

128. କେଉଁ ଉକ୍ତିଟି କୋଷଝିଲ୍ଲୀ ସମ୍ପର୍କୀତ ନୁହେଁ ?

(A) କୋଷଜୀବକ ଓ ନ୍ୟଷ୍ଟିର ଆବରଣ

(B) କୋଷଗୁଡ଼ିକୁ ପରସ୍ପର ଠାରୁ ପୃଥକ୍ କରେ

(C) ପୁଷ୍ଟିସାର ଓ ଶ୍ୱେତସାର ଦ୍ୱାରା ଗଠିତ

(D) ଛିଦ୍ରଯୁକ୍ତ

128. Which statement is not applicable for cell membrane ?

(A) Envelope of protoplasm and nucleus

(B) Separates cells from one another

(C) Composed of proteins and carbohydrates

(D) Porous

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

129. ନିମ୍ନରେ ଦିଆଯାଇଥିବା ମୌଳିକ ମଧ୍ୟରୁ କେଉଁଟି ଅମ୍ଳ ସହିତ କୌଣସି ପ୍ରତିକ୍ରିୟା କରେ ନାହିଁ ?

(A) ତମ୍ବା

(B) ନିକେଲ୍

(C) କ୍ରୋମିୟମ୍

(D) ଅମ୍ଳଜାନ

129. Which of the following does not react with acid ?

(A) Copper

(B) Nickel

(C) Chromium

(D) Oxygen

130. ଗୋଟିଏ 50 cm ଫୋକସ୍ ଦୂରତା ବିଶିଷ୍ଟ ଏକ ଉତ୍ତଳ ଲେନସକୁ (Fig. a) ପ୍ରମୁଖ ଅକ୍ଷ ବାଟ ଦେଇ ଯାଉଥିବା ସମତଳ ପୃଷ୍ଠ ଦ୍ୱାରା ସମମିତ ଭାବରେ ଦୁଇଖଣ୍ଡ କରାଯାଇଛି । (Fig. b) । ଦୁଇଖଣ୍ଡର ସଂଯୋଜନକୁ Fig. c ରେ ଚିତ୍ରିତ କରାଯାଇଛି । ଏହି ସଂଯୋଜନର ସମତୁଲ୍ୟ ଲେନସ୍ ପାୱାର କେତେ ହେବ ?



Fig. a Fig. b Fig. c

(A) 0.5 D

(B) 0.25 D

(C) 1 D

(D) Zero D

130. A convex lens (Fig. a) has a focal length 50 cm. It is cut into two symmetrical halves by a plane containing the principal axis (Fig. b). The two pieces are re-combined as shown in Fig. c. The power of the new combination is :



Fig. a Fig. b Fig. c

(A) 0.5 D

(B) 0.25 D

(C) 1 D

(D) Zero D

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / **SPACE FOR ROUGH WORK**

131. ଆମର ପ୍ରଶ୍ୱାସ ସମୟରେ କେଉଁ ଘଟଣାଟି ହୋଇଥାଏ ?

(A) ଉଦର ମାଂସପେଶୀର ସଂକୋଚନ

(B) ଉଦର ମାଂସପେଶୀର ପ୍ରସାରଣ

(C) ଫୁସଫୁସରୁ ବାୟୁ ନିର୍ଗତ

(D) ବକ୍ଷ ଗହ୍ୱର ଆୟତନ ହ୍ରାସ

131. Which event does occur during inspiration ?

(A) Contraction of abdominal muscle

(B) Expansion of abdominal muscles

(C) Release of air from lungs

(D) Reduction in size of chest cavity

132. 2.5 $m^2$ ଆୟତନ ବିଶିଷ୍ଟ ଏକ ସମତଳ ଉପରେ 15 Pa ଚାପ ପଡୁଅଛି । ସମତଳ ଉପରେ ଲମ୍ବଭାବେ ପଡୁଥିବା ବଳର ପରିମାଣ କେତେ ଅଟେ ?

(A) 37.5 N

(B) 6 N

(C) 17.5 N

(D) 12.5 N

132. A pressure of 15 Pa acts on a plane of area 2.5 $m^2$. The force normal to the plane is :

(A) 37.5 N

(B) 6 N

(C) 17.5 N

(D) 12.5 N

133. କେଉଁଟିରେ ସୁନ୍ୟଷ୍ଟିୟ କୋଷ ସହିତ ହରିତ୍‌ଲବକ ଥାଏ ?

(A) ଶ୍ୱେତ ରକ୍ତକଣିକା

(B) ଟ୍ରାଡିସକାନ୍‌ସିଆ

(C) ଜୀବାଣୁ

(D) ନୀଳହରିତ ଶୈବାଳ

133. Which has eukaryotic cells with chlorophylls ?

(A) White Blood Corpuscles

(B) Tradescantia

(C) Bacteria

(D) Blue Green Algae

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

134. କେଉଁ ଉପଯୋଜନଟି ଯୋଗୁଁ ପାଣିରେ ମାଛ ବଞ୍ଚିପାରେ ?

(A) ସ୍ଥିର ଚକ୍ଷୁ

(B) ସୁବିନ୍ୟସ୍ତ ଶରୀର

(C) ହାଲୁକା ହାଡ଼

(D) ତୀକ୍ଷ୍ଣ ଦନ୍ତ

134. Which adaptation can help fish to survive in water ?

(A) Fixed eyes

(B) Streamlined body

(C) Light skeleton

(D) Sharp teeth

135. ନିମ୍ନଲିଖିତ ମନୋବୃତ୍ତିମାନଙ୍କ ମଧ୍ୟରେ କେଉଁଟି ଶିକ୍ଷକମାନଙ୍କ ପାଇଁ ସଠିକ୍ ମନୋବୃତ୍ତି ନୁହେଁ ?

(A) ଶିକ୍ଷାର୍ଥୀଙ୍କ କଳ୍ପନା ଶକ୍ତିକୁ ଉତ୍ସାହିତ କରିବା

(B) ଶିକ୍ଷାର୍ଥୀଙ୍କ ଦାୟିତ୍ୱ ନେବା

(C) ସମସ୍ତ ଶିକ୍ଷାର୍ଥୀଙ୍କୁ ସମାନ ଭାବେ ବ୍ୟବହାର ପ୍ରଦର୍ଶନ କରିବା

(D) ଶିକ୍ଷାର୍ଥୀମାନଙ୍କୁ ଦକ୍ଷତାଭିତ୍ତିରେ ତୁଳନା କରିବା

135. Which of the following is not a right attitude for the teachers ?

(A) To encourage the imagination of the learners.

(B) Taking care of the learners.

(C) Treating all the learners equally.

(D) Comparing the learners as per their abilities.

136. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପାରଦର ଏକ ମିଶ୍ର ଧାତୁ ଅଟେ ?

(A) ପିତ୍ତଳ

(B) ବ୍ରୋଞ୍ଜ

(C) ସୋଲଡର୍

(D) ଜିଙ୍କ ଆମାଲଗାମ୍

136. Out of the following which is an alloy of Mercury ?

(A) Brass

(B) Bronze

(C) Solder

(D) Zinc amalgam

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

137. ଉଦ୍ଭିଦରେ ଉସ୍ବେଦନ ଦ୍ୱାରା କେଉଁ କାର୍ଯ୍ୟଟି ହୋଇନଥାଏ ?

(A) ତାପମାତ୍ରା ନିୟନ୍ତ୍ରଣ

(B) ଜଳ ପରିବହନ

(C) ଅତିରିକ୍ତ ଜଳ ବାଷ୍ପୀକରଣ

(D) ଧାତବ ପଦାର୍ଥ ମୋଚନ

138. ମଙ୍ଗଳ ଓ ବୃହସ୍ପତି ମଧ୍ୟରେ ଥିବା ଗ୍ରହାଣୁପୁଞ୍ଜ :

(A) ମଙ୍ଗଳ ଚାରିପଟେ ବୁଲନ୍ତି

(B) ବୃହସ୍ପତି ଚାରିପଟେ ବୁଲନ୍ତି

(C) ଉଭୟ ମଙ୍ଗଳ ଓ ବୃହସ୍ପତି ଚାରିପଟେ ବୁଲନ୍ତି

(D) ସୂର୍ଯ୍ୟ ଚାରିପଟେ ବୁଲନ୍ତି

139. ଯଦି କୌଣସି ବସ୍ତୁ ଉପରେ ସମପରିମାଣ ବିଶିଷ୍ଟ ତିନିଗୋଟି ବଳ କାର୍ଯ୍ୟ କରି କୌଣସି ଫଳ ପକାନ୍ତି ନାହିଁ, ତେବେ ଯେକୌଣସି ଦୁଇଟି ବଳ ମଧ୍ୟରେ କୋଣ କେତେ ହେବ ?

(A) $0^\circ$

(B) $30^\circ$

(C) $60^\circ$

(D) $120^\circ$

137. Which work is not done by transpiration in plants ?

(A) Temperature regulation

(B) Movement of water

(C) Evaporation of excess water

(D) Excretion of minerals

138. Asteroids between Mars and Jupiter :

(A) revolve round Mars

(B) revolve round Jupiter

(C) revolve round both Mars and Jupiter

(D) revolve round the Sun

139. If three forces equal in magnitude acting on a body produce no result, then the angle between any two forces is :

(A) $0^\circ$

(B) $30^\circ$

(C) $60^\circ$

(D) $120^\circ$

140. ବାୟବୀୟ କିଣ୍ୱନ ମାଧ୍ୟମରେ କେଉଁ ଅଣୁଜୀବଟି ସୁରାସାରରୁ ଭିନେଗାର ପ୍ରସ୍ତୁତ କରେ ?

(A) ଇଷ୍ଟ

(B) ଏସିଟୋବାକ୍ଟର

(C) ସିଉଡୋମୋନାସ୍

(D) ଲାକ୍ଟୋବାସିଲସ୍

140. Which microbe does convert alcohol to vinegar by aerobic fermentation ?

(A) Yeast

(B) Acetobacter

(C) Pseudomonas

(D) Lactobacillus

141. ନିମ୍ନୋକ୍ତ ପଦ୍ଧତି ମଧ୍ୟରୁ କେଉଁଟି ଶିକ୍ଷା ଯୋଜନାର ପଦ୍ଧତି ନୁହେଁ ?

(A) ପ୍ରାରମ୍ଭିକ ପରିଚୟ

(B) ଉପସ୍ଥାପନା

(C) ସାରାଂଶ

(D) ମୂଲ୍ୟାୟନ

141. Which of the following is not a step of lesson plan ?

(A) Introduction

(B) Presentation

(C) Summary

(D) Evaluation

142. ପର୍ଯ୍ୟବେକ୍ଷଣ ପଦ୍ଧତି ବିଜ୍ଞାନ ଶିକ୍ଷାଦାନରେ କେଉଁଟି ଶିକ୍ଷକ କୈନ୍ଦ୍ରିକ ?

(A) ଉଦ୍ଦେଶ୍ୟ ବର୍ଣ୍ଣନ

(B) ଦଳଗତ ଆଲୋଚନା

(C) ସିଦ୍ଧାନ୍ତ

(D) ପରୀକ୍ଷଣ

142. Which is teacher based in the observation method of Science teaching ?

(A) Description of objectives

(B) Group discussion

(C) Conclusion

(D) Experimentation

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK



(Continued)

143. 'ଶ୍ୱେତ ବାମନ ତାରା' ର ନିୟମ କିଏ ବାହାର କରିଥିଲେ ? - ଏହି ପ୍ରଶ୍ନଟି କେଉଁ ପ୍ରକାରର ?

(A) ଜ୍ଞାନ ଆଧାରିତ

(B) ବୁଦ୍ଧି ଆଧାରିତ

(C) ଉପଯୋଗ ଆଧାରିତ

(D) ଦକ୍ଷତା ଆଧାରିତ

143. "Who gave the principle of white dwarf stars ?" what kind of question is this ?

(A) Knowledge based

(B) Understanding based

(C) Application based

(D) Skilled based

144. କଳାମାଟି ପାଇଁ କେଉଁ ଉକ୍ତିଟି ପ୍ରଯୁଜ୍ୟ ନୁହେଁ ?

(A) ଆଗ୍ନେୟଶିଳାରୁ ତାହାର ସୃଷ୍ଟି

(B) ଲୁହା ଓ ମାଗ୍ନେସିୟମ୍ ଲବଣର ଏଥିରେ ଆଧିକ୍ୟ

(C) ମାଙ୍ଗାନିଜ ଓ ଲୌହର ଏଥିରେ ଆଧିକ୍ୟ

(D) କପାଚାଷ ପାଇଁ ଉପଯୁକ୍ତ

144. Which statement is not applicable for black soil ?

(A) Originated from igneous rock.

(B) Excess iron and magnesium salts in it.

(C) Excess manganese and iron salts in it.

(D) Suitable for cotton cultivation.

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

145. କୋଭିଡ୍-19 ର ସଂକ୍ରମଣ କେଉଁ ବାହକ ମାଧ୍ୟମରେ ବ୍ୟାପି ବିଶ୍ୱ ମହାମାରୀର ରୂପ ନେଲା ?

(A) ବାଦୁଡ଼ି

(B) ମଣିଷ

(C) ବାୟୁ

(D) ପାଙ୍ଗୋଲିନ୍

146. ଆଲୋକସଂଶ୍ଳେଷଣ ପଢ଼ାଇବାକୁ ଯାଇ ଶିକ୍ଷକ ତାହାର ସଂଜ୍ଞା କହିଲେ । କଳାପଟାରେ ତାହାକୁ ଲେଖିଲେ । ସେଥିରେ ସଂଗଠିତ ହେଉଥିବା ଆଲୋକ ପ୍ରକ୍ରିୟା ଓ ଅନ୍ଧକାର ପ୍ରକ୍ରିୟାକୁ ଆଲୋଚନା କଲେ । ସମ୍ପର୍କିତ କେତୋଟି ମୁଖ୍ୟ ଧାରଣାକୁ କଳାପଟାରେ ଲେଖିଲେ । ପରିଶେଷରେ ଶିକ୍ଷାର୍ଥୀଙ୍କୁ ଗୃହକର୍ମ ଦେଲେ । ଏଥିରେ କେଉଁ ପ୍ରକାର ଶିକ୍ଷାଦାନ ନିହିତ ?

(A) ପର୍ଯ୍ୟବେକ୍ଷଣ

(B) ବ୍ୟାଖ୍ୟାନମୂଳକ

(C) ପ୍ରଦର୍ଶନମୂଳକ

(D) ପ୍ରକଳ୍ପଭିତ୍ତିକ

145. Which carrier was the cause of transmission of COVID-19 to take the shape of pandemic ?

(A) Bat

(B) Man

(C) Air

(D) Pangolin

146. On teaching photosynthesis, the teacher gave its definition. He wrote it on the blackboard. Discussed the light reaction and dark reaction involved in it. He wrote the related main ideas of it on the blackboard. At last, he gave the homework to the students. Which type of education is based on it ?

(A) Observation

(B) Descriptive

(C) Exhibition based

(D) Project based

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

147. ହ୍ରାସବିଭାଜନ ପରେ କେତେକ କୋଷଗୁଡ଼ିକୁ ପର୍ଯ୍ୟବେକ୍ଷଣ କରାଗଲା । ନିମ୍ନଲିଖିତ ମଧ୍ୟରୁ କେଉଁଟି ପୁରୁଷ ପିତୃ ପିଢ଼ିର ଯୁଗ୍ମକକୁ ସୂଚାଉଛି ?

(A) XX

(B) YY

(C) X & X

(D) X & Y

147. A group of cells were observed after reduction division. Which of the following does indicate the gametes of its male parental generation ?

(A) XX

(B) YY

(C) X & X

(D) X & Y

148. କେଉଁ ଇଲେକ୍ଟ୍ରୋନିକ ସଂରଚନାଟି କାଟାୟନକୁ ସୂଚାଉଛି ?

(A) 17p, 17e, 18n

(B) 15e, 16p, 17n

(C) 19e, 20n, 17p

(D) 9p, 10n, 10e

148. Which electronic configuration indicates a cation ?

(A) 17p, 17e, 18n

(B) 15e, 16p, 17n

(C) 19e, 20n, 17p

(D) 9p, 10n, 10e

ରଫ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK

149. ପରୀକ୍ଷଣ ପଦ୍ଧତି ଶିକ୍ଷାଦାନରେ ସୋପାନଗୁଡ଼ିକର ଠିକ୍ କ୍ରମକୁ ସୂଚାଅ ।

(A) ସମସ୍ୟା ଉପସ୍ଥାପନ → ସମସ୍ୟା ହୃଦୟଙ୍ଗମ → ଅନୁମାନ → ପରୀକ୍ଷାନିରୀକ୍ଷା → ସିଦ୍ଧାନ୍ତ ।

(B) ସିଦ୍ଧାନ୍ତ → ସମସ୍ୟା ଉପସ୍ଥାପନ → ସମସ୍ୟା ହୃଦୟଙ୍ଗମ → ଅନୁମାନ → ପରୀକ୍ଷାନିରୀକ୍ଷା ।

(C) ସମସ୍ୟା ଉପସ୍ଥାପନ → ଅନୁମାନ → ସିଦ୍ଧାନ୍ତ → ପରୀକ୍ଷାନିରୀକ୍ଷା → ସମସ୍ୟା ହୃଦୟଙ୍ଗମ ।

(D) ସମସ୍ୟା ହୃଦୟଙ୍ଗମ → ଉପସ୍ଥାପନ → ପରୀକ୍ଷାନିରୀକ୍ଷା → ଅନୁମାନ → ସିଦ୍ଧାନ୍ତ ।

149. Indicate the correct order of steps in experiment process education.

(A) Problem presentation → Understanding the problem → Assumption → Experimentation → Inference.

(B) Inference → Presentation of problem → Understanding the problem → Assumption → Experimentation.

(C) Problem presentation → Assumption → Inference → Experimentation → Understanding the problem.

(D) Understanding the problem → Presentation → Experimentation → Assumption → Inference.

150. ତାପ ରାସାୟନିକ ଝଳେଇରେ ଆଲୁମିନିୟମ୍ ବ୍ୟବହାର କରାଯାଏ । କାରଣ -

(A) ଆଲୁମିନିୟମ୍ ଏକ ହାଲକା ଧାତୁ

(B) ଆଲୁମିନିୟମ୍‌ର ଅକ୍ସିଜେନ୍ ପ୍ରତି ଅଧିକ ଆସକ୍ତି ଥାଏ

(C) ଆଲୁମିନିୟମ୍‌ର ଜାରଣ ଅନ୍ୟମାନଙ୍କ ଠାରୁ ଅଧିକ

(D) ଆଲୁମିନିୟମ୍ ପ୍ରତିକ୍ରିୟାଶୀଳ ମୌଳିକ ଅଟେ

150. In thermochemical welding aluminium is used because :

(A) Aluminium is a light metal.

(B) Aluminium has more affinity for oxygen.

(C) Aluminium is a stronger oxidising agent than others.

(D) Aluminium is a reactive metal.

ରଫ୍ କାର୍ଯ୍ୟ ପାଇଁ ସ୍ଥାନ / SPACE FOR ROUGH WORK